## ସଂକ୍ଷେପରେ

### ଔଷଧ ଦୋକାନରେ ଚଢ଼ାଉ



ଢେଙ୍କାନାଳ, ୨୩।୮ (ରତନ ନାୟାର)

ନିଶା ଔଷଧର ଅବାଧ କାରବାର ଅଭିଯୋଗ ଆସିବା ପରେ ଢେଙ୍କାନାଳ ସହର ଦକ୍ଷିଣକାଳୀ ରୋଡ୍ ଜିଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ୩ ଔଷଧ ଦୋକାନରେ ବୁଧବାର ମଧ୍ୟାହ୍ନରେ ଚଢ଼ାଉ କରାଯାଇଛି। ତେବେ ସେଭଳି କୌଣସି ଆପତ୍ତିଜନକ ଔଷଧ ବାହାରି ନ ଥିବା ଜଣାପଡ଼ିଛି। ଅନ୍ୟପଟେ ଏହା ଏକ ରୁଟିନ୍ ଚଢ଼ାଉ ହୋଇଥିବାରୁ କେତେକ ଔଷଧର ନମୁନା ସଂଗ୍ରହ କରି ଲାବୋରେଟୋରିକୁ ପଠାଯାଇଥିବା ଜିଲା ଡ୍ରଗ୍ସ ଇନ୍ସପେକ୍ଟର ପ୍ରଣତୀପ୍ରଭା ସାହୁ ସୂଚନା ଦେଇଛନ୍ତି। ଚଢ଼ାଉରେ ଟାଉନ ଥାନାଧିକାରୀ ରାଜେନ୍ଦ୍ର ମହାପାତ୍ର, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ମେଡିକାଲ) ଡା. ଜୟକୃଷ୍ଣ ନାୟକ, ଅବକାରୀ ବିଭାଗ ଉପଅଧୀକ୍ଷକ ସୀତାରାଣୀ ପଟ୍ଟାୟତ ପ୍ରମୁଖ ସାମିଲ ହୋଇଥିଲେ।

# ବରାଦିଆ ମୂର୍ତ୍ତି ଚାହିଦା ବଢୁଛି

■ଆରମ୍ଭ ହେବ ପାର୍ବଣ ଋତୁ
■ଚଳଚଞ୍ଚଳ ମୂର୍ତ୍ତି କାରିଗର

କାମାକ୍ଷାନଗର, ୨୩।୮ (ସୁଧୀର ପରିଡ଼ା)

ସରିଲାଣି କାଠଫ୍ରେମ୍‌ରେ ନଡ଼ା ଭିଡ଼ା। କାଦୁଅ ଲେସା କାମ ଜୋର୍‌ସୋର୍‌ରେ ଆଗେଇ ଚାଲିଛି। ଏହା ପରେ ଆରମ୍ଭ ହେବ ସୂକ୍ଷ୍ମାତି ସୂକ୍ଷ୍ମ କାର୍ଯ୍ୟ। ଶେଷରେ ରଙ୍ଗ କାମ ପରେ ମଣ୍ଡପକୁ ଆସିବେ ମୃଣ୍ମୟ ପ୍ରତିମା। ଏସବୁ କାର୍ଯ୍ୟକୁ ନିର୍ଦ୍ଧାରିତ ସମୟରେ ଶେଷ କରିବା ଜରୁରୀ ହୋଇପଡ଼ିଥିବାବେଳେ ଏବେ ଶିଳ୍ପୀଙ୍କୁ ତରନାହିଁ। ପାର୍ବଣ ୪ ମାସରେ ବର୍ଷକର ରୋଜଗାର ସାଉଁଟିବାକୁ ସେମାନେ ଦିନରାତି ଏକ୍ କରିଦେଇଛନ୍ତି।

ସପ୍ତାହ ପରେ ପାଦ ଥାପିବ ପାର୍ବଣ। ବିଘ୍ନରାଜ ଗଣନାଥଙ୍କ ଆରାଧନାରୁ ଆରମ୍ଭ ହେବ ମହୋତ୍ସବ ଋତୁ। ମୂର୍ତ୍ତିପୂଜାର ଏହି ମହାର୍ଘ୍ୟ ପର୍ବରେ ଉତ୍ସବମୁଖର ହୋଇଉଠିବ ଗାଁଠାରୁ ସହର। ଏହାକୁ ନେଇ ପ୍ରସ୍ତୁତି ଆରମ୍ଭ ହୋଇସାରିଥିବାବେଳେ ମାଟିକୁ ଜୀବନ୍ତ ରୂପ ଦେବାରେ ଲାଗିପଡ଼ିଛନ୍ତି ମୂର୍ତ୍ତିକାର। ତେବେ ପରିବର୍ତ୍ତିତ ସମୟରେ ଚିରାଚରିତ ମୃଣ୍ମୟ ପ୍ରତିମାର ସ୍ଥାନ ନେଇଛି ଆଧୁନିକ ଥିମ୍‌ର ବିଭିନ୍ନ ବରାଦିଆ ମୂର୍ତ୍ତି। ତେଣୁ ପୂଜା ପ୍ରତିଷ୍ଠାନଗୁଡ଼ିକର ପସନ୍ଦ ଅନୁଯାୟୀ ନିର୍ଦ୍ଧାରିତ ସମୟରେ କାମ ସାରିବାରେ ଲାଗିପଡ଼ିଛନ୍ତି ଶିଳ୍ପୀ ଏବଂ ସହଯୋଗୀ।

ଆକର୍ଷଣୀୟ ହାତତିଆରି ମାଟିମୂର୍ତ୍ତି ନିର୍ମାଣ ଲାଗି ସୁନାମ ଅର୍ଜିଛି ଢେଙ୍କାନାଳ ଜିଲାର କାମାକ୍ଷାନଗର ଉପଖଣ୍ଡ। ବିଶେଷକରି କାମାକ୍ଷାନଗର ବ୍ଲକର ନୂଆ ଆଳତୁମା, କାଦୁଆ, ବାଇସିଙ୍ଗା, ପରଜଙ୍ଗ ବ୍ଲକର ପରଜଙ୍ଗ, ସାଆନ୍ଦା, କଙ୍କଡ଼ାହାଡ଼ ବ୍ଲକର କଙ୍କଡ଼ାହାଡ଼, କଣ୍ଟାପାଳ କଲୋନୀ, ଭୁବନ ବ୍ଲକର ଭୁବନ, ଓଡ଼ିଶ ଆଦିଗ୍ରାମ ପାରମ୍ପରିକ ମୂର୍ତ୍ତି ପାଇଁ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି। ଏଠାରୁ ଗଢ଼ାଯାଉଥିବା ମୂର୍ତ୍ତି ଜିଲା ସମେତ ଜିଲା ବାହାରକୁ ମଧ୍ୟ ଯାଇଥାଏ। ମୂର୍ତ୍ତିକାରମାନେ ବରାଦ ଅନୁଯାୟୀ ବିଭିନ୍ନ ପେଣ୍ଡାଲକୁ ଯାଇ ବରାଦ ଅନୁଯାୟୀ ମୃଣ୍ମୟ ପ୍ରତିମା ମଧ୍ୟ ଗଢ଼ିଥାଆନ୍ତି। ପୂଜାକୁ ଆକର୍ଷଣୀୟ କରିବା ପାଇଁ ପୂଜାପ୍ରତିଷ୍ଠାନଗୁଡ଼ିକ ଜୋର୍ ଦେଉଥିବାବେଳେ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) ଯୁଗରେ ଏବେ ଚିରାଚରିତ ମୂର୍ତ୍ତି ତୁଳନାରେ ବିଭିନ୍ନ ଥିମ୍‌ର ମୂର୍ତ୍ତି ବରାଦ ବଢ଼ିବାରେ ଲାଗିଛି। ମାଟି ବଦଳରେ ଏବେ କଉଡ଼ି, ନଡ଼ିଆ, କଏନ୍ ସମେତ ଅନ୍ୟ ସାମଗ୍ରୀରେ ମୂର୍ତ୍ତି ପାଇଁ ଲୋକେ ଆଗଭର ହେଉଛନ୍ତି। ଏଥିସହ ପଞ୍ଚମୁଖୀ, ଅଷ୍ଟଭୁଜ, ସିଦ୍ଧି ବିନାୟକ, ଅଷ୍ଟ ବିନାୟକ, ସାଇ ଗଣେଶ ଭଳି ପୌରାଣିକ କିମ୍ବଦନ୍ତୀକୁ ମଧ୍ୟ କେତେକ ପୂଜା ପ୍ରତିଷ୍ଠାନ ଗୁରୁତ୍ୱ ଦେଉଥିବା ଦେଖିବାକୁ ମିଳିଛି। ଚନ୍ଦ୍ରାୟାନ–୩, ଐତିହାସିକ ସ୍ମାରକୀ ଭଳି ସାଜସଜ୍ଜା ଚଳିତ ବର୍ଷର ପ୍ରମୁଖ ଆକର୍ଷଣ ସାଜିବ। ତଦନୁଯାୟୀ ପୂଜା ପେଣ୍ଡାଲକୁ ଅଧିକ ଚିତ୍ତାକର୍ଷକ କରିବା ପାଇଁ ପାର୍ଶ୍ୱ ଦେବଦେବୀଙ୍କ ମୂର୍ତ୍ତି ମଧ୍ୟ ନିର୍ମାଣ କରାଯାଉଛି। ଏହାକୁ ବାଦ୍‌ଦେଲେ ଜନ୍ମାଷ୍ଟମୀ, ଖୁଦୁରୁକୁଣୀ, ବିଶ୍ୱକର୍ମା, ଦୁର୍ଗା, ଲକ୍ଷ୍ମୀ, କାଳୀ, କାର୍ତ୍ତିକେଶ୍ୱର, ସରସ୍ୱତୀ ପୂଜା ନିମନ୍ତେ ମୂର୍ତ୍ତି ତିଆରି ପାଇଁ ମଧ୍ୟ ପ୍ରସ୍ତୁତି ଆରମ୍ଭ ହୋଇଛି।



### ଶ୍ରମ ତୁଳନାରେ ମିଳୁନାହିଁ ପାରିଶ୍ରମିକ

ମୃଣ୍ମୟ ପ୍ରତିମା ନିର୍ମାଣ ଏକ ଋତୁକାଳୀନ କାମ। ଏହା ଉପରେ ନିର୍ଭର କରୁଥିବା କାରିଗରମାନେ ମାତ୍ର ୪ ମାସ କାମ ପାଉଥିବାବେଳେ ଅବଶିଷ୍ଟ ଆଠମାସ ହାତ ବାନ୍ଧି ବସିଥାଆନ୍ତି। ଏବେ ମୂର୍ତ୍ତି ନିର୍ମାଣ ପାଇଁ ଆବଶ୍ୟକ ହେଉଥିବା ନଡ଼ା, ମାଟି, ରଙ୍ଗ ଏବଂ ଅନ୍ୟ ଆନୁଷଙ୍ଗିକ ସାମଗ୍ରୀର ଦରଦାମ ପୂର୍ବାପେକ୍ଷା ଅନେକ ଗୁଣ ବଢ଼ିଗଲାଣି। ପରିବେଶ ଅନୁକୂଳ ମୂର୍ତ୍ତି ତିଆରିରେ ପ୍ରାକୃତିକ ରଙ୍ଗ ବ୍ୟବହାର କରିବାକୁ ପଡୁଛି। ବରାଦିଆ ମୂର୍ତ୍ତି ଲାଗି ମଧ୍ୟ କିଛି କମ୍ ପରିଶ୍ରମ କରିବାକୁ ପଡୁନାହିଁ। ହେଲେ ଏସବୁରେ ଶ୍ରମ ତୁଳନାରେ ପାରିଶ୍ରମିକ ମିଳୁନାହିଁ। ତେଣୁ ପୂର୍ବରୁ ମୂର୍ତ୍ତି ତିଆରିକୁ ଜୀବିକା ଭାବେ ଗ୍ରହଣ କରିଥିବା ଅନେକ କୁମ୍ଭକାର ପରିବାର ଏଥିରୁ ମୁହଁ ଫେରାଇନେଲେଣି। ସେହିପରି ବଢୁଥିବା ବେକାର ସମସ୍ୟା ପାଇଁ କୁମ୍ଭକାର, ଚିତ୍ରକାର ଭିନ୍ନ ଅନ୍ୟ ସମ୍ପ୍ରଦାୟର ଯୁବବର୍ଗ ମଧ୍ୟ ଏବେ ମୂର୍ତ୍ତି ଗଢୁଥିବା ଦେଖିବାକୁ ମିଳିଛି।

### କାରିଗର ବଢ଼ିଛନ୍ତି, କାମ ମିଳୁନାହିଁ



ସାମଗ୍ରୀ ଦର ବହୁଗୁଣା ବଢ଼ିଯାଇଥିବାରୁ ଆଗ ଭଳି ଲାଭ ହେଉନାହିଁ। ବରାଦିଆ ମୂର୍ତ୍ତିରେ ଅଧିକ ପରିଶ୍ରମ କରିବାକୁ ପଡୁଛି। ନଡ଼ାବନ୍ଧା ମୂର୍ତ୍ତି ୪୦୦୦ ଟଙ୍କାରୁ ଆରମ୍ଭ ହେଉଛି। ମୂର୍ତ୍ତି ଚାହିଦା ସହ କାରିଗରଙ୍କ ସଂଖ୍ୟା ମଧ୍ୟ ବଢ଼ିଛି। ତେଣୁ କାମ ଆଗଭଳି ମିଳୁନାହିଁ।

-ଗୁଣନିଧି ପରିଡ଼ା, ନୂଆ ଆଳତୁମା

### ପାର୍ବଣକୁ ଅନାଇଲେ ପେଟ ପୂରିବ ନାହିଁ



ଖାଲି ପାର୍ବଣକୁ ଅନାଇ ରହିଲେ ପେଟ ପୂରିବ ନାହିଁ। ତେଣୁ ବାରମାସି ବିକ୍ରି ହେବା ଭଳି ଛୋଟ ଛୋଟ ସୌଖୀନ ମୂର୍ତ୍ତି ମେଳାରେ ବିକିବାକୁ ପଡୁଛି। ମାଟିସହ ମାଟି ହେଲେ ଭଲ ରୋଜଗାର ହେବ।

-ବାଜ ସେନାପତି, ବାଇସିଙ୍ଗା

### ପ୍ରୋତ୍ସାହନ, ପ୍ରଶିକ୍ଷଣ ଆବଶ୍ୟକ



ମୂର୍ତ୍ତି କାମରେ ପରିଶ୍ରମ ଅଧିକ। ଏବେ ବେକାର ସମସ୍ୟା ଯୋଗୁଁ ଅନ୍ୟ ସମ୍ପ୍ରଦାୟର ଲୋକ ଏହି ବୃତ୍ତିକୁ ଆପଣାଇଲେଣି। ଆଧୁନିକ ମୂର୍ତ୍ତିର ଚାହିଦା ମଧ୍ୟ ବଢୁଛି। ସରକାରୀ ସ୍ତରରେ ପ୍ରୋତ୍ସାହନ, ପ୍ରଶିକ୍ଷଣ ମିଳିଲେ ଭଲହୁଅନ୍ତା।

-ପ୍ରଶାନ୍ତ ଦାଶ, କାଦୁଆ

### ପେସା କରି ଚଳିବା କଷ୍ଟକର



ଅନେକ ଶିକ୍ଷିତ ଯୁବକ ମୂର୍ତ୍ତି ତିଆରିକୁ ବୃତ୍ତି କଲେଣି। ଯେଉଁ କାରିଗରମାନେ ସିମେଣ୍ଟ, ବ୍ରୋଞ୍ଜ, ପ୍ଲାଷ୍ଟର ଅଫ୍ ପ୍ୟାରିସ କାମ କରୁଛନ୍ତି, ସେମାନଙ୍କ ପାଇଁ ସମସ୍ୟା ନାହିଁ। ହେଲେ ପାରମ୍ପରିକ ମାଟି କାରିଗର ଏହାକୁ ପେସା କରି ଚଳିବା କଷ୍ଟକର।

-ବସନ୍ତ ପରିଡ଼ା, ନୂଆ ଆଳତୁମା

## ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଅ

କାମାକ୍ଷାନଗର, ୨୩।୮ (ସୁଧୀର ପରିଡ଼ା)

କାମାକ୍ଷାନଗର କାନପୁରାସ୍ଥିତ ପଞ୍ଚାୟତିରାଜ ହାଇସ୍କୁଲରେ ପ୍ରଧାନ ଶିକ୍ଷକ ଶ୍ରୀରାମ ରାଉତଙ୍କ ତତ୍ତ୍ୱାବଧାନରେ ରାସ୍ତା ନିରାପତ୍ତା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ପୋଲିସ ଅଧିକାରୀ କୁମୁଦ ଚନ୍ଦ୍ର ସାମଲ ଉପସ୍ଥିତ ରହି ବିଭିନ୍ନ ପ୍ରକାର ରାସ୍ତା, ସଙ୍କେତ, ଯାନବାହନ ଚଳାଚଳ ସମ୍ପର୍କିତ ଟ୍ରାଫିକ୍ ନିୟମ ଉପରେ ଆଲୋଚନା କରିଥିଲେ। ସାମ୍ପ୍ରତିକ ସମୟରେ ଘଟୁଥିବା ଦୁର୍ଘଟଣା, ଏହାର କାରଣ ଓ ନିରାକରଣ, ସତର୍କତା ଉପରେ ଛାତ୍ରୀଛାତ୍ରଙ୍କୁ ପ୍ରଶିକ୍ଷଣ ଦେବା ସହ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତାର ହାତ ବଢ଼ାଇବା ଲାଗି ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲୋକନାଥ ଷଡ଼ଙ୍ଗୀ ଯୋଗଦେଇଥିଲେ। ଶିକ୍ଷକ ସୁରେଶ ବିଶ୍ୱାଳ, ଧ୍ରୁବଚରଣ ସୁନ୍ଦରାୟ, ଚନ୍ଦ୍ରମଣି ଲେଙ୍କା, ରୁଦ୍ରନାରାୟଣ ପରିଡ଼ା, ବାନାର୍ଜୀ ମହାନ୍ତି, ପ୍ରହଲ୍ଲାଦ ସାହୁ, ନିରଞ୍ଜନ ସାହୁ, ସମରେନ୍ଦ୍ର ନାୟକ, ବସନ୍ତ ସାହୁ, ଚିତ୍ତରଞ୍ଜନ ବିଶ୍ୱାଳ, ସୌଭାଗ୍ୟ ସାହୁ, ଆକାଶ ରାଉତ, ଶିକ୍ଷୟିତ୍ରୀ କବିତା ରାଉତ, ସୁମିତ୍ରା ଜେନା, ପ୍ରଭାତୀ ସାହୁ, ଗୀତା ମହାପାତ୍ର, ରୋଜାଲିନ ପତି, ଜୟସ୍ମିତା ରାଉତ, ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କର୍ମଚାରୀ ରବିନାରାୟଣ ରାଉତ, ଶାନ୍ତନୁ ରାଉତ, ପ୍ରଶାନ୍ତ ରାଉତ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଅତିଥିମାନେ।

## ବର୍ଷାରେ ଧୋଇଗଲା ତପୋବନ ରାସ୍ତା

ଢେଙ୍କାନାଳ, ୨୩।୮ (ରତନ ନାୟାର)

କାମଚଳା ଭାବେ ବିଛାଯାଇଥିବା ମୋରମ ଧୋଇଯାଇଛି ଲଘୁଚାପଜନିତ ଲଗାଣବର୍ଷାରେ। କେବଳ ରହିଯାଇଛି ଢିମା ଢିମା ପଥର। ବାଇକ୍, ସାଇକେଲ୍ ତ ଦୂରର କଥା, ପାଦରେ ଚାଲିକରି ଯିବା ବି କଷ୍ଟକର ହୋଇପଡୁଛି। ଲଘୁଚାପଜନିତ ଲଗାଣବର୍ଷାରେ ମହିମା ଧର୍ମର ଆଦିପୀଠ ତପୋବନକୁ ସଂଯୋଗ କରୁଥିବା ରାସ୍ତାର ଏଭଳି ଦୁରବସ୍ଥା କାରଣରୁ ମହିମା ଧର୍ମାବଲମ୍ବୀ, ଶ୍ରଦ୍ଧାଳୁମାନେ ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି। ୨୦୦ ବର୍ଷ ପୁରାତନ ଏହି ପୀଠକୁ ସବୁଦିନିଆ ରାସ୍ତା ନିର୍ମାଣ କରାଗଲେ ଏହି ପ୍ରାଚୀନ ଧର୍ମସ୍ଥଳୀର ମହତ୍ତ୍ୱ ଆହୁରି ସୁଦୂରପ୍ରସାରୀ ହେବ ବୋଲି କୌପୀନଧାରୀ ମହିମା ସମାଜ ସଭାପତି ତଥା ତପୋବନ ପୀଠର ପ୍ରତିଷ୍ଠାତା ଶ୍ରୀମଦ୍ ରଘୁନାଥ ବାବା ଏବଂ ମହିମା ଜ୍ୟୋତିଯାତ୍ରା ସଂଯୋଜକ ପ୍ରଦ୍ୟୁମ୍ନ ରଥ ଦାବି କରିଛନ୍ତି।

ଉଲ୍ଲେଖଯୋଗ୍ୟ, ଢେଙ୍କାନାଳ–କପିଳାସ ମୁଖ୍ୟ ଦୋହରା ରାସ୍ତାରୁ ୪କିମି ଦୂରରେ ଅବସ୍ଥିତ ତପୋବନ ପୀଠ ମହିମା ଧର୍ମାବଲମ୍ବୀଙ୍କ ଭାବାବେଗ ସହିତ ଜଡ଼ିତ। ପୀଠକୁ ସଂଯୋଗ କରୁଥିବା ରାସ୍ତାର ଶେଷ ୧ କିଲୋମିଟର ଅତ୍ୟଧିକ ଗଡ଼ାଣି। ଏହି କଚ୍ଚା ରାସ୍ତାରେ ଜଳ ନିଷ୍କାସନ ପାଇଁ ଡ୍ରେନ୍ ନାହିଁ। ବାରମ୍ବାର ଦାବି ସତ୍ତ୍ୱେ ଉକ୍ତ ରାସ୍ତାକୁ ପିଚୁ କିମ୍ବା କଂକ୍ରିଟ୍ କରାଯାଉନାହିଁ। କେବଳ କାର୍ତ୍ତିକ ଶୁକ୍ଳ ଦଶମୀ ତିଥିରେ ହେଉଥିବା ବାର୍ଷିକ ତପୋବନ ମେଳା ସମୟରେ କାମଚଳା ଭାବେ ମୋରମ ପକାଇ ଦିଆଯାଉଛି, ଯାହା ବର୍ଷା ହେଲେ ଧୋଇଯାଉଛି। ଅଗଷ୍ଟରେ ହୋଇଥିବା ଲଗାତର ଲଘୁଚାପଜନିତ ଲଗାଣ ବର୍ଷାରେ ଗତବର୍ଷ ପକାଯାଇଥିବା ମୋରମ ଧୋଇ ହୋଇଯାଇଛି। ଫଳରେ ରାସ୍ତା ଅତ୍ୟନ୍ତ କଦର୍ଯ୍ୟ ହୋଇଯାଇଛି। ତପୋବନ ବାର୍ଷିକ ମେଳା ପୂର୍ବରୁ ଶ୍ରଦ୍ଧାଳୁଙ୍କ ସୁବିଧା ଲାଗି ରାସ୍ତା ପକ୍କା କରିବା ପାଇଁ ବ୍ୟବସ୍ଥା କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



ଶୋଚନୀୟ ହୋଇପଡ଼ିଥିବା ତପୋବନ ରାସ୍ତା।

## ୨୬୦ ଶ୍ରମିକଙ୍କୁ ୧୦୦ ଦିନର କାମ

କାମାକ୍ଷାନଗର, ୨୩।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ବୁଧବାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଏବଂ ପଞ୍ଚଦଶ ଅର୍ଥ ଆୟୋଗ ଯୋଜନାର ବ୍ଲକସ୍ତରୀୟ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ବିଡିଓ ବିକାଶ ମହାନ୍ତିଙ୍କ ଅଧ୍ୟକ୍ଷତାରେ ୨୦୨୨–୨୩ ଆର୍ଥିକ ବର୍ଷର ପ୍ରଥମାର୍ଦ୍ଧରେ ହୋଇଥିବା କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଉକ୍ତ ସମୟ ମଧ୍ୟରେ ୧୪ କୋଟି ୧୦ ଲକ୍ଷ ୪୦ ହଜାର ଟଙ୍କାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ହୋଇଛି। ମୋଟ ୩ ଲକ୍ଷ ୯୯ ହଜାର ୪୭୦ ଶ୍ରମ ଦିବସ ସୃଷ୍ଟି ହୋଇଛି। ୨୬୦ ଶ୍ରମିକ ୧୦୦ ଦିନର କାର୍ଯ୍ୟ ଶେଷ କରିଥିବା ସୂଚନା ଦିଆଯାଇଛି।

ଏହି ଅବସରରେ ୨୦୨୩–୨୪ ଆର୍ଥିକ ବର୍ଷରେ ହେବାକୁ ଥିବା ପ୍ରକଳ୍ପ, ଏ ସମ୍ପର୍କିତ ବ୍ୟୟବରାଦ ନେଇ ଆଲୋଚନା କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲାର ଲୋକପାଳ ଅମରେନ୍ଦ୍ର ମଲ୍ଲ, ଏବିଡିଓ ଝରଣା ସାମଲ, ସହକାରୀ ନିର୍ବାହୀ ଯନ୍ତ୍ରୀ ରଞ୍ଜିତ କୁମାର ଦଳେଇ, ଜିଲା ସାମାଜିକ ସମୀକ୍ଷକ ସରୋଜ ଗଡ଼ନାୟକ, ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ଦେବଯାନୀ ପରିଡ଼ା, ସାମାଜିକ ସମୀକ୍ଷା କମିଟି ସଦସ୍ୟଙ୍କ ସମେତ ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ଜିଲା ପରିଷଦ ସଦସ୍ୟ, ପିଇଓ, ବିଦ୍ୟୁତ୍ ବିଭାଗ ଅଧିକାରୀ, ଜବ୍‌କାର୍ଡଧାରୀ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଜନପ୍ରତିନିଧିଙ୍କ ସମେତ ପ୍ରଶାସନିକ ଅଧିକାରୀମାନେ।

## କ୍ୟାରିୟର କାଉନ୍‌ସେଲିଂ

ସାତମାଇଲ, ୨୩।୮ (ସୁଶାନ୍ତ ପତି)

ହିନ୍ଦୋଳ ବ୍ଲକ ଖଜୁରିଆକଟାସ୍ଥିତ ହିନ୍ଦୋଳ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ନେଇ କ୍ୟାରିୟର କାଉନ୍‌ସେଲିଂ କାର୍ଯ୍ୟକ୍ରମ ଗତ ସୋମବାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ପ୍ରଫେସର ଅଶୋକ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଡିଆଇସିର ଆଇପିଓ ଏସ୍.କେ. ବେହେରା, ସହକାରୀ ମ୍ୟାନେଜର ପ୍ରେମାନନ୍ଦ ନାଥ ଯୋଗଦେଇ ବିଭିନ୍ନ ଲଘୁ ଉଦ୍ୟୋଗ ସମ୍ପର୍କରେ ଆଲୋକପାତ କରିଥିଲେ। ଆଲୋଚନା, ପର୍ଯ୍ୟାଲୋଚନା ମାଧ୍ୟମରେ ନିଜକୁ ସ୍ୱାବଲମ୍ବୀ କରିବା ଲାଗି ସେ ଦିଗ୍‌ଦର୍ଶନ ଦେଇଥିଲେ। ଇଂଲିଶ ଅଧ୍ୟାପକ ଦିଲୀପ ଗଡ଼ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲାବେଳେ କ୍ୟାରିୟର କାଉନ୍‌ସେଲିଂ ସଂଯୋଜକ ଡ. କିଶୋର କୁମାର ପୃଷ୍ଟି ସଭାକୁ ସଂଯୋଜନା କରିଥିଲେ। ଅଧ୍ୟାପକ ଜୟନ୍ତ ନାରାୟଣ ପତି ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ, ଏନ୍‌ସିସି ଛାତ୍ରୀଛାତ୍ର ଏଥିରେ ସହଯୋଗ କରିଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

### ନିଶା ନିବାରଣ ଆଇନ କାର୍ଯ୍ୟକାରୀ ଦାବି

କାମାକ୍ଷାନଗର, ୨୩।୮ (ଅମ୍‌ଜାଦ୍ ଖାନ୍)

ରାଜ୍ୟରେ ନିଶା ନିବାରଣ ଆଇନ କାର୍ଯ୍ୟକାରୀ କରିବାକୁ ଦାବି କରିଛି 'ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ' ସଙ୍ଗଠନ। କାମାକ୍ଷାନଗର ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ହୋଇଥିବା ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିରରେ ସଙ୍ଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ମହିଳା ସଶକ୍ତୀକରଣ ରାସ୍ତାରେ ନିଶା ମୁଖ୍ୟ ପ୍ରତିବନ୍ଧକ ସାଜିଛି। ତେଣୁ ୧୯୫୬ରୁ ପଡ଼ି ରହିଥିବା ଉକ୍ତ ଆଇନ୍‌କୁ କାର୍ଯ୍ୟକାରୀ କରିବା ଲାଗି ଦାବି କରାଯାଇଛି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି ପ୍ରଦୀପ ସାହୁ, ସମ୍ପାଦିକା ଉର୍ବଶୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଭତ୍ତା ଟଙ୍କା ୨୦୦୦କୁ ବୃଦ୍ଧି ଦାବି

ଢେଙ୍କାନାଳ, ୨୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ୍ ବାରଦା ପଞ୍ଚାୟତରେ ନବନିର୍ମାଣ କୃଷକ ସଙ୍ଗଠନ ତରଫରୁ ବୁଧବାର ଭତ୍ତା ପାଉଥିବା ହିତାଧିକାରୀଙ୍କୁ ନେଇ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶାରେ ବୟସ୍କ ନାଗରିକଙ୍କୁ ୫୦୦ରୁ ୭୦୦ ଟଙ୍କା ମିଳୁଛି, ଯାହା ପଡ଼ୋଶୀ ରାଜ୍ୟ ତୁଳନାରେ ନଗଣ୍ୟ। ତେଣୁ ରାଜ୍ୟର ଭତ୍ତା ତାଲିକାଭୁକ୍ତ ହିତାଧିକାରୀଙ୍କୁ ୨୦୦୦ ଟଙ୍କା ପ୍ରଦାନ କରିବା ଲାଗି ଦାବି କରାଯାଇଛି। ଚନ୍ଦ୍ରଶେଖର ବରାଳ, ସୁଧାକର ପରିଡ଼ାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଯୋଜକ ପ୍ରହଲ୍ଲାଦ ସାହୁ ସଭାପତିତ୍ୱ କରିଥିଲେ। ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସଙ୍ଗଠନ ତରଫରୁ ଏକ କମିଟି ଗଠନ କରାଯାଇ ରାଜ୍ୟ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରାଯିବ। ଏହାକୁ ଅଣଦେଖା କଲେ ଆନ୍ଦୋଳନ ଜୋର୍‌ଦାର ହେବ ବୋଲି ଚେତାବନୀ ଦିଆଯାଇଛି। ନୃସିଂହ ଚରଣ ସ୍ୱାଇଁ, ଚନ୍ଦ୍ରମଣି ବରାଳ, ମାୟାଧର ସ୍ୱାଇଁ, ବୀରବର ସ୍ୱାଇଁ, ଅର୍ଜ୍ଜୁନ ସ୍ୱାଇଁ, ସଦର ସଂଯୋଜକ ଚକ୍ରଧର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।



ଶୋଭାଯାତ୍ରାରେ ହିତାଧିକାରୀମାନେ।

## ସୁରକ୍ଷା ବୀମାରାଶି ପ୍ରଦାନ

ଢେଙ୍କାନାଳ, ୨୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ଯୋରନ୍ଦା ଷ୍ଟେଟ୍ ବ୍ୟାଙ୍କ ଶାଖା ପରିସରରେ ବୁଧବାର ଗ୍ରାହକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କର ସମସ୍ତ କର୍ମଚାରୀ, ଗ୍ରାହକ ସେବା କେନ୍ଦ୍ରର ସ୍ୱତ୍ୱାଧିକାରୀ, ଏସ୍‌ଏଚ୍‌ଜି ସଦସ୍ୟା, ହିତାଧିକାରୀଙ୍କୁ ସରକାରଙ୍କ ବିଭିନ୍ନ ସକ୍ରିୟ ସୁରକ୍ଷା ବୀମା ସମ୍ପର୍କରେ ସଚେତନ କରାଯାଇଥିଲା। ଶାଖାର ମୁଖ୍ୟ ପ୍ରବନ୍ଧକ ଉତ୍ତମ କୁମାର ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ ଯୋଜନା, ଜୀବନଜ୍ୟୋତି ବୀମା ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ହିତାଧିକାରୀ ଦୁନିତା ନାୟକଙ୍କୁ ସୁରକ୍ଷା ବୀମାରାଶି ବାବଦରେ ୨ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ଫିଲ୍ଡଅଫିସର ଆଶୁତୋଷ ମହାପାତ୍ର ଏସ୍‌ଏଚ୍‌ଜି ସଦସ୍ୟାଙ୍କୁ ସାମାଜିକ ସୁରକ୍ଷା ବୀମାରେ ପଞ୍ଜୀକୃତ ହେବା ପାଇଁ ଆହ୍ୱାନ ଦେଇଥିଲେ। ଗ୍ରାହକ ସେବା କେନ୍ଦ୍ର ସଂଯୋଜକ ବିମଳ କୁମାର ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।




ଜଣେ ହିତାଧିକାରୀଙ୍କୁ ଗ୍ରାହକଙ୍କୁ ସୁରକ୍ଷା ବୀମାରାଶି ପ୍ରଦାନ କରାଯାଉଛି।

## ୭ମ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ଆରମ୍ଭ

ଢେଙ୍କାନାଳ ଅଫିସ, ୨୩।୮ (ରତନ ନାୟାର)

ଢେଙ୍କାନାଳ ନୂଆପୋଖରୀ ନିକଟ ନୂତନ ଇନ୍‌ଡୋର ହଲ୍ ପରିସରରେ ୭ମ ଜିଲାସ୍ତରୀୟ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଯୁବ ଉଦ୍ୟୋଗୀ ଡା. ଅଭିନାଶ ସାମଲ, ଜିଲା କ୍ରୀଡ଼ା ଅଧିକାରୀ ପ୍ରଦୀପ୍ତ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

କନିଷ୍ଠ ବର୍ଗରେ ୯, ୧୧, ୧୩, ୧୫, ୧୭ ଏବଂ ୧୯ ବର୍ଷରୁ କମ୍ ବୟସର ବାଳିକା ବାଳକ ପ୍ରତିଯୋଗୀ ସାମିଲ ହେବେ। ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ବିଭାଗରେ ମ୍ୟାଚ୍ ଖେଳାଯିବ। ସେହିପରି ବରିଷ୍ଠ ବର୍ଗରେ ସିଙ୍ଗଲ୍ସ, ଡବଲ୍ସ ଓ ମିକ୍ସଡ୍ ଡବଲ୍ସ ପ୍ରତିଯୋଗିତା ହେବ। ୩୫, ୪୦, ୪୫, ୫୦ ଓ ୫୫ ବର୍ଷରୁ ଊର୍ଦ୍ଧ୍ୱ ପ୍ରତିଯୋଗୀଙ୍କ ମଧ୍ୟରେ ସିଙ୍ଗଲ୍ସ ଓ ଡବଲ୍ସ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହେବ। ୨୭ ତାରିଖରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିରେ ୩୦୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ସାମିଲ ହୋଇଛନ୍ତି।

ଉଦ୍‌ଘାଟନୀ ଉତ୍ସବରେ ଜିଲା ବ୍ୟାଡ୍‌ମିଣ୍ଟନ ଆସୋସିଏଶନ ସଭାପତି ମଳୟ ପଟ୍ଟନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ଟଙ୍କଧର ବେହେରା ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ। କାର୍ଯ୍ୟକାରୀ ସଭାପତି ଅମିତ ଶତପଥୀ, ଉପସଭାପତି ଦୀପକ ଦଳେଇ, ରଶ୍ମିପ୍ରକାଶ ପଟ୍ଟନାୟକ, ଜିତେନ୍ଦ୍ର ଦାସ, ତାରିଣୀ ମାଝି, ପ୍ରିୟବ୍ରତ ପ୍ରଧାନ, ଅଶୋକ ସ୍ୱାଇଁ, ବ୍ରିଜେଶ ମିଶ୍ର, ସାରଦା ପ୍ରସାଦ ହୋତା ପ୍ରମୁଖ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୧୭ ହଜାରରୁ ଊର୍ଦ୍ଧ୍ୱ ଚାରା ରୋପଣ



ଢେଙ୍କାନାଳ, ୨୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସମାଜ ମଙ୍ଗଳ ବିଭାଗ, ୟୁନିସେଫ୍ ଓ ଆକ୍ସନ ଏଡ୍‌ର ମିଳିତ ସହଯୋଗରେ ୧୧୪୧ ଗ୍ରାମରେ ୧୭,୦୦୦ରୁ ଊର୍ଦ୍ଧ୍ୱ ଚାରା ରୋପଣ କରାଯାଇଛି। ଗତ ୧୯ ତାରିଖରେ ଏହି ସାମୂହିକ ବନୀକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲାର ୨୧୦୦ ଅଙ୍ଗନୱାଡି କେନ୍ଦ୍ରରେ ପ୍ରତି ଶନିବାର ହେଉଥିବା ଆଦ୍ୱିକା କାର୍ଯ୍ୟକ୍ରମରେ ୨୨,୬୪୬ କିଶୋରୀକିଶୋର ଭାଗନେଇ ୧୭,୯୫୪ ଫଳ ଚାରା ରୋପଣ କରିଥିଲେ। ତନ୍ମଧ୍ୟରୁ କଙ୍କଡ଼ାହାଡ଼ ବ୍ଲକରେ ୭୫୭, ଭୁବନ ବ୍ଲକରେ ୮୫୬, ହିନ୍ଦୋଳ ବ୍ଲକରେ ୪୨୩୦, ସଦର ବ୍ଲକରେ ୪୬୬୪, ଗଁଦିଆ ବ୍ଲକରେ ୬୪୬, କାମାକ୍ଷାନଗର ବ୍ଲକରେ ୨୭୮୯, ଓଡ଼ାପଡ଼ା ବ୍ଲକରେ ୨୬୫୨, ପରଜଙ୍ଗ ବ୍ଲକରେ ୧୦୬୦ଟି ଚାରା ଲଗାଯାଇଛି। ଅଙ୍ଗନୱାଡି କର୍ମୀମାନେ ନିଜ ଅଞ୍ଚଳରେ ମିଳୁଥିବା ବୀଜ ସଂଗ୍ରହ କରି ପରିବେଶର ସୁରକ୍ଷାରେ ଗଛର ଭୂମିକା ସମ୍ପର୍କରେ ସଚେତନ କରାଇଥିଲେ।

### ୯୫୦୦ ଲିଟର ପୋଚ, ୪୦୦ ଲିଟର ମଦ ନଷ୍ଟ



କାମାକ୍ଷାନଗର, ୨୩।୮ (ଅମ୍‌ଜାଦ ଖାନ୍)

ଢେଙ୍କାନାଳ ଜିଲାର ଦେଶୀ ମଦ ଆଡ୍ଡାସ୍ଥଳୀ ଭାବେ ଅପଯଶ ମୁଣ୍ଡାଇଥିବା ପରଜଙ୍ଗ ଥାନା ଆମ୍ବପଳାସ ଅଞ୍ଚଳରେ ଅବକାରୀ ବିଭାଗ ପକ୍ଷରୁ ବଡ଼ଧରଣର ଚଢ଼ାଉ କରାଯାଇଛି। ଘଟଣାସ୍ଥଳରୁ ଜବତ ହୋଇଥିବା ୯୫୦୦ ଲିଟର ପୋଚ, ୪୦୦ ଲିଟର ଦେଶୀ ମଦ ସହ ଆନୁଷଙ୍ଗିକ ସାମଗ୍ରୀ ନଷ୍ଟ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ସାଢ଼େ ୫ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଜଣାପଡ଼ିଛି। ଜିଲାରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ମଦ ବ୍ୟବସାୟୀମାନେ ଜଙ୍ଗଲ ଅଞ୍ଚଳରେ ମଦ ରାନ୍ଧି ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ପରଜଙ୍ଗ ଥାନା ଅଧୀନ ଆମ୍ବପଳାସ ନିକଟ ବରକଟା, ଚିରୁଗୁଣିପଦା ଅଞ୍ଚଳରେ ଏଭଳି ମଦ ଆଡ୍ଡା ଚାଲିଥିବା ସୂଚନା ମିଳିବା ପରେ ଜିଲାପାଳ ସରୋଜ କୁମାର ସେଠୀ, ଅବକାରୀ ଅଧୀକ୍ଷକ ପ୍ରଦୀପ ପାଣିଗ୍ରାହୀଙ୍କ ନିର୍ଦ୍ଦେଶରେ କାମାକ୍ଷାନଗର, ପରଜଙ୍ଗ, ଭୁବନ, ଗଁଦିଆ ଏବଂ ସଦର ଅବକାରୀ କାର୍ଯ୍ୟାଳୟର କର୍ମଚାରୀ, ମୋବାଇଲ୍ ସ୍କ୍ୱାଡ୍, ପୋଲିସ ଚଢ଼ାଉ କରିଥିଲେ। ଏହି ମାମଲାରେ କାହାରିକୁ ଗିରଫ କରାଯାଇନାହିଁ।

### ନୂତନ ବିଡିଓଙ୍କ ଯୋଗଦାନ



କାମାକ୍ଷାନଗର, ୨୩।୮ (ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକର ନୂତନ ବିଡିଓ ଭାବେ ଯଶୋବନ୍ତ ଦେହୁରୀ ବୁଧବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏଥିପୂର୍ବରୁ ସେ ଆଠମଲ୍ଲିକ ତହସିଲଦାର ଭାବେ କାର୍ଯ୍ୟରତ ଥିଲେ। ଏଠାରେ କାର୍ଯ୍ୟରତ ବିଡିଓ ଦୁର୍ଗାଚରଣ ମୁର୍ମୁଙ୍କ ବଦଳି ପରେ ତହସିଲଦାର ଚିନ୍ମୟ ଦାସ ଏହି ପଦବୀ ସମ୍ଭାଳୁଥିଲେ। ନୂତନ ବିଡିଓ ଦାୟିତ୍ୱ ନେବା ପରେ କର୍ମଚାରୀଙ୍କ ସହ ଅଞ୍ଚଳର ସମସ୍ୟା ବିଷୟରେ ଆଲୋଚନା କରିଛନ୍ତି। ଆଦିବାସୀ ବହୁଳ କଙ୍କଡ଼ାହାଡ଼ ବ୍ଲକର ବିକାଶ ଲାଗି ନୂତନ ରଣନୀତି ପ୍ରସ୍ତୁତ କରାଯିବ ବୋଲି ସେ ପ୍ରତିକ୍ରିୟାରେ କହିଛନ୍ତି। ସୂଚନାଯୋଗ୍ୟ, କଙ୍କଡ଼ାହାଡ଼ ବ୍ଲକରେ ଗତ ୧୧ ମାସ ମଧ୍ୟରେ ୭ଜଣ ବିଡିଓ ଦାୟିତ୍ୱ ଗ୍ରହଣ କରିସାରିଲେଣି।

# ଢେଙ୍କାନାଳରେ ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ

- **କଳାକୃତି ଗ୍ରାମରେ ଏସ୍‌ସିଏସ୍‌ଟି ବିଭାଗ କମିଶନର**
- **ହସ୍ତଶିଳ୍ପର ବିକାଶ ପାଇଁ ପ୍ରତିଷ୍ଠା ହେବ ଲାଇବ୍ରେରି**
- **ଗବେଷଣା ନିମନ୍ତେ କରାଯିବ ବ୍ୟବସ୍ଥା**

ଢେଙ୍କାନାଳ, ୨୩।୮ (ରତନ ନାୟାର)

ଢେଙ୍କାନାଳ ଜିଲା ସଦର ବ୍ଲକ ସପ୍ତଶଯ୍ୟା ପଞ୍ଚାୟତର ସଦେଇବେରେଣୀ-ନବଜୀବନପୁର କଳାକୃତି ଗ୍ରାମରେ ପ୍ରତିଷ୍ଠା ହେବ ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ। ଡୋକ୍ରା କଳାକୃତି ପାଇଁ ପ୍ରସିଦ୍ଧ ଏହି ସ୍ଥାନରେ ଏଭଳି ଲୁପ୍ତପ୍ରାୟ ହସ୍ତଶିଳ୍ପର ବିକାଶ ଲାଗି ରିସର୍ଚ୍ଚ ସେଣ୍ଟର ଏବଂ ଡୋକ୍ରା ଲାଇବ୍ରେରି ସ୍ଥାପନ କରାଯିବ। ହସ୍ତଶିଳ୍ପ କ୍ଷେତ୍ରରେ ଗବେଷଣା କରୁଥିବା ଏବଂ ଜ୍ଞାନ ଥିବା ବ୍ୟକ୍ତିମାନେ ଏଠାକୁ ଆସି ଶିଳ୍ପୀଙ୍କୁ ଅତ୍ୟାଧୁନିକ ଜ୍ଞାନକୌଶଳର ପ୍ରୟୋଗ ସମ୍ପର୍କରେ ପ୍ରଶିକ୍ଷଣ ଦେବେ। ସମସ୍ୟାର ସମାଧାନ ଲାଗି ଭାବ ବିନିମୟ କରିବେ। କଳାକୃତି ଗ୍ରାମରେ ଓଡ଼ିଶା ସମେତ ଦେଶର ସମସ୍ତ ହସ୍ତଶିଳ୍ପ ପ୍ରଦର୍ଶନ କରାଯିବ। ଏସବୁ କାର୍ଯ୍ୟରେ ରାଜ୍ୟ ସରକାର ଆବଶ୍ୟକ ଆର୍ଥିକ ଏବଂ ବୈଷୟିକ ସହାୟତା କରିବେ।



କଳାକୃତି ଗ୍ରାମରେ କମିଶନର ରୂପାରୋଶନ ସାହୁ, ପ୍ରଶାସନିକ ଅଧିକାରୀଙ୍କ ସମେତ ମହିଳା ଗୋଷ୍ଠୀ ସଦସ୍ୟାମାନେ।

ବୁଧବାର ଅପରାହ୍ନରେ ଢେଙ୍କାନାଳ ଗସ୍ତରେ ଆସି କଳାକୃତି ଗ୍ରାମ ପରିଦର୍ଶନ କରିବା ପରେ ଏହି ସୂଚନା ଦେଇଛନ୍ତି ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି (ଏସ୍‌ସି/ଏସ୍‌ଟି) ବିଭାଗ କମିଶନର ରୂପାରୋଶନ ସାହୁ।

କମିଶନର ଅପରାହ୍ନ ପ୍ରାୟ ୫ଟା ୨୦ରେ କଳାକୃତି ଗ୍ରାମ ପରିଦର୍ଶନ କରି ହସ୍ତଶିଳ୍ପ ପ୍ରଦର୍ଶନୀ ଷ୍ଟଲ୍, କନଫରେନ୍ସ ହଲ, ହଷ୍ଟେଲ, ହସ୍ତଶିଳ୍ପ ପ୍ରସ୍ତୁତି ପ୍ରକୋଷ୍ଠ, ଶିଶୁ ଉଦ୍ୟାନ, ପୋଖରୀ, ବୋଟିଂ ବ୍ୟବସ୍ଥା ବୁଲି ଦେଖିଥିଲେ। ମିଶନ ଶକ୍ତି ଏବଂ ଏସ୍‌ଏଚ୍‌ଜି ସଦସ୍ୟାଙ୍କ ସହ ସେ ଭାବ ବିନିମୟ କରିଥିଲେ। ପ୍ରସ୍ତାବିତ ଯୋଜନା ସମ୍ପର୍କରେ ସୂଚନା ଦେଇ ସେ କହିଛନ୍ତି, ଢେଙ୍କାନାଳ ଜିଲାରେ ନଡ଼ା ଓ ହ୍ୟାଣ୍ଡଲୁମ୍ ଶିଳ୍ପ ରହିଛି। ଏସବୁକୁ ଜନମାନସରେ ପରିଚିତ କରାଇବା ଲାଗି ମ୍ୟୁଜିୟମ୍‌ରେ ପ୍ରଦର୍ଶନ କରାଯିବ। ସଦେଇବେରେଣୀ-ନବଜୀବନପୁରରେ ବହୁସଂଖ୍ୟାରେ ଡୋକ୍ରା କାରିଗର ରହୁଛନ୍ତି। ସେମାନଙ୍କୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ କଳାକୃତି ଗ୍ରାମ ପ୍ରତିଷ୍ଠା ହୋଇଥିଲା, ଯାହା ରାଜ୍ୟ ତଥା ଦେଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। କଳାକୃତି ଗ୍ରାମରେ ପର୍ଯ୍ୟାୟକ୍ରମେ ଜିଲା ପ୍ରଶାସନ ପକ୍ଷରୁ ଆନୁଷଙ୍ଗିକ ଭିତ୍ତିଭୂମି ବିକାଶ କାର୍ଯ୍ୟ ଜାରି ରହିଛି। ଜିଲା ପ୍ରଶାସନକୁ ଆବଶ୍ୟକ ପ୍ରସ୍ତାବ ପଠାଇବା ଲାଗି ପରାମର୍ଶ ଦିଆଯାଇଛି। ପ୍ରସ୍ତାବ ଆସିବା ପରେ ଟିମ୍ ପଠାଇ ଡୋକ୍ରା ସମେତ ବିଭିନ୍ନ ହସ୍ତଶିଳ୍ପକୁ କିପରି ଅଧିକ ପ୍ରୋତ୍ସାହିତ କରାଯିବ, ସେ ସମ୍ପର୍କରେ ପଦକ୍ଷେପ ନିଆଯିବ। ଦେଶର ପ୍ରଥମ ଡୋକ୍ରା ମ୍ୟୁଜିୟମ୍ ଏବଂ ରିସର୍ଚ୍ଚ ସେଣ୍ଟର ସ୍ଥାପନ ହେଲେ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବ। ପରିଦର୍ଶକମାନେ ରିସର୍ଚ୍ଚ ସେଣ୍ଟର ମାଧ୍ୟମରେ ଜ୍ଞାନ ଆହରଣ କରିପାରିବେ। ଏହାଦ୍ୱାରା ପ୍ରତ୍ୟକ୍ଷ ଏବଂ ପରୋକ୍ଷରେ କାରିଗରମାନେ ଉପକୃତ ହେବେ ବୋଲି କମିଶନର ସାହୁ କହିଛନ୍ତି।

ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଅତିରିକ୍ତ ଜିଲାପାଳ ଲଳିତ କୁମାର ବେହେରା, ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକ, ସଦର ବ୍ଲକ ବିଡିଓ ସୁଧୀର ନାୟକ, ଏସ୍‌ସି/ଏସ୍‌ଟି ବିଭାଗ ଡେପୁଟି ସେକ୍ରେଟାରି ସରୋଜ ପଣ୍ଡା, ଅମୃତା ପ୍ରିୟମ୍ବଦା, ଆଶିଷ ଭୋଇ, ଜିଲା ମଙ୍ଗଳ ଅଧିକାରୀ ରୁଦ୍ରପ୍ରସାଦ ପରିଡ଼ା, ଡେପୁଟି କଲେକ୍ଟର ଭଜନାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ପରଜଙ୍ଗରେ ନୂତନ ବସ୍‌ଷ୍ଟାଣ୍ଡ ଶିଳାନ୍ୟାସ

ପରଜଙ୍ଗ/ଢେଙ୍କାନାଳ, ୨୩।୮ (ନିଗମାନନ୍ଦ ଦଳବେହେରା/ରତନ ନାୟାର)

'ଆମ ବସ୍‌ଷ୍ଟାଣ୍ଡ ଯୋଜନା'ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ରାଜ୍ୟର ୨୬ ଜିଲାରେ ୧୪୨ ନୂତନ ବସ୍‌ଷ୍ଟାଣ୍ଡର ଶିଳାନ୍ୟାସ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କରିଛନ୍ତି। ଏଥିସହ ୨୧ଟି ବସ୍‌ଷ୍ଟାଣ୍ଡର ଲୋକାର୍ପଣ ମଧ୍ୟ କରିଛନ୍ତି। ମୋ ପରିବହନ ସେବା ଓ ପରିବହନ ଆପ୍ ଏବଂ ସୁବାହକ ଯୋଜନାରେ ବସ୍ ଚାଳକଙ୍କ ପ୍ରଶିକ୍ଷଣ ପାଇଁ ବ୍ରହ୍ମପୁରରେ ତାଲିମ କେନ୍ଦ୍ରର ଶୁଭାରମ୍ଭ କରିଛନ୍ତି। ଏହିଅବସରରେ ଢେଙ୍କାନାଳ ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପରଜଙ୍ଗ ବିଧାୟକ ଡା. ନୃସିଂହ ଚରଣ ସାହୁ, ଜିଲାପାଳ ସରୋଜ କୁମାର ସେଠୀ, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶ ଚନ୍ଦ୍ର ସେଠୀ, ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ ମିଶ୍ର, ଏମ୍‌ଭିଆଇ ଦେବାଶିଷ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ପରଜଙ୍ଗରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଦସ୍ୟ ନିରାକାର ପ୍ରଧାନ, ରୁନୁ ବର୍ମା, ଜିଲା ପରିଷଦ ଉପାଧ୍ୟକ୍ଷା ବିଳାସିନୀ ସେଠୀ, ବିଡିଓ ମନ୍ମଥ ନାୟକ, ତହସିଲଦାର ସିରିଲ ଶୁଭ୍ର ପଟେଲ, ବଣିକ ସଂଘ ସଭାପତି ବରୁଣ ଦଳବେହେରା, ସମ୍ପାଦକ ନିର୍ମଳ ଗଡ଼ନାୟକ, ଗ୍ରାମ୍ୟ କମିଟି ସଭାପତି ଶାନ୍ତନୁ ସାମଲ, ସମ୍ପାଦକ ବିନୟ ଦଳବେହେରା ପ୍ରମୁଖ ଉପସ୍ଥିତ ରହି ନଡ଼ିଆ ବାଡ଼େଇ ବସ୍‌ଷ୍ଟାଣ୍ଡ ବସ୍‌ଷ୍ଟାଣ୍ଡ ଶୁଭ ଦେଇଥିଲେ। ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ ଗାୟତ୍ରୀ ମହାପାତ୍ର, ବିଜେଡି ଯୁବନେତା ସୁବ୍ରତ ଦାସ, ପ୍ରିୟଜିତ୍ ସାମଲ, ପ୍ରେମାନନ୍ଦ ସାହୁ, ପୂର୍ବତନ ସମିତି ସଭ୍ୟ ମୀନକେତନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।



ଜିଲା କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ, ଜିଲାପାଳଙ୍କ ସମେତ ଅନ୍ୟମାନେ।

## ଅନ୍ତେବାସୀଙ୍କ ସମସ୍ୟା ବୁଝିଲେ ଅଧିକାରୀ

କାମାକ୍ଷାନଗର, ୨୩।୮ (ସୁଧୀର ପରିଡ଼ା)

କାମାକ୍ଷାନଗର ଉପଜିଲାପାଳ ନାରାୟଣ ଚନ୍ଦ୍ର ନାୟକଙ୍କ ନିର୍ଦ୍ଦେଶରେ ସହକାରୀ ଜିଲାପାଳ ତଥା ଉପଖଣ୍ଡ ମଙ୍ଗଳ ଅଧିକାରୀ ଦୀପକ ମିଶ୍ର, ସହକାରୀ ଜିଲାପାଳ ମଦନ ମୋହନ ଜେନା ମଙ୍ଗଳବାର ସନ୍ଧ୍ୟାରେ କଙ୍କଡ଼ାହାଡ଼ ବ୍ଲକ ଅନ୍ତର୍ଗତ ମଙ୍ଗଳ ବିଭାଗ ଦ୍ୱାରା ପରିଚାଳିତ ତାରିଣୀପଶି ଉଚ୍ଚ ବିଦ୍ୟାଳୟ ଏବଂ 'ଐରା' ପରିଚାଳିତ ତଣ୍ଡିମୁଣ୍ଡାସ୍ଥିତ ପ୍ରଭାସିନୀ ଆଦିବାସୀ ବାଳିକା ବିଦ୍ୟାଳୟ ପରିଦର୍ଶନ କରିଛନ୍ତି। ପ୍ରଶାସନିକ ଅଧିକାରୀମାନେ ଅନ୍ତେବାସୀଙ୍କ ସମସ୍ୟା, ପାଠପଢ଼ା ସମ୍ପର୍କରେ ପଚାରି ବୁଝିଥିଲେ। ଏହାପରେ ସେମାନେ ଢୋଲପଶିସ୍ଥିତ 'ଐରା' ପରିଚାଳିତ ବୃଦ୍ଧାଶ୍ରମ ବୁଲି ସେଠାରେ ରହୁଥିବା ବୟସ୍କ ବ୍ୟକ୍ତିଙ୍କ ସହ ସମୟ ବିତାଇଥିଲେ। ଅନ୍ତେବାସୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଉପଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କାର୍ଯ୍ୟାଳୟ କର୍ମଚାରୀ ରଶ୍ମିରଞ୍ଜନ ବିଶ୍ୱାଳ ସହଯୋଗ କରିଥିଲେ।

## ଆଳତୁମା-ମାଳପୁରା ରାସ୍ତା କାର୍ଯ୍ୟ ଆରମ୍ଭ




ଜେସିବି ସହାୟତାରେ ରାସ୍ତାକାମ ଆରମ୍ଭ ହୋଇଛି।

କାମାକ୍ଷାନଗର, ୨୩।୮ (ଅମ୍‌ଜାଦ ଖାନ୍)

**'ଧରିତ୍ରୀ' ପ୍ରଭାବ**

ଢେଙ୍କାନାଳ ଜିଲା କାମାକ୍ଷାନଗର ସହର ମଧ୍ୟଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ଆରମ୍ଭ ହୋଇଛି। ଦଶହରା ପୂର୍ବରୁ ଏହି କାମ ଶେଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।

କାମାକ୍ଷାନଗର ସହର ଦେଇ ଜାତୀୟ ରାଜପଥ ୫୩କୁ ସଂଯୋଗ କରୁଥିବା ଆଳତୁମା-ମାଳପୁରା ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ହେଉଛି। ପୌରାଞ୍ଚଳର ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳୀ ହନୁମାନ ବଜାରଠାରୁ ଜିରିଡ଼ାମାଳି ପର୍ଯ୍ୟନ୍ତ ଏହି ବ୍ୟସ୍ତବହୁଳ ସଡ଼କ ଖାଲଖମାରେ ଭର୍ତ୍ତି ହୋଇଛି। ଖରା ହେଲେ ପ୍ରବଳ ଧୂଳି ଉଡ଼ୁଛି। ବର୍ଷା ହେଲେ ଗର୍ତ୍ତରେ ପାଣି ଜମିରହୁଛି। ଛୋଟ ବଡ଼ ଦୁର୍ଘଟଣା ଘଟୁଛି। ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ବିଭାଗୀୟ ଅଧିକାରୀ ଶୁଣୁ ନ ଥିବାରୁ ବୁଦ୍ଧିଜୀବୀ, ବ୍ୟବସାୟୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏ ନେଇ ଗତ ଅଗଷ୍ଟ ୧୧ରେ ଧରିତ୍ରୀରେ 'ଜୀବନ ରେଖାରେ ବିପନ୍ନ ଜୀବନ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ପ୍ରଶାସନ ଏବଂ ପୂର୍ତ୍ତ ବିଭାଗ ତତ୍ପର ହୋଇଉଠିଛି। ଜେସିବି ସହାୟତାରେ ରାସ୍ତା ଖୋଳି ମେଟାଲିଂ କରାଯାଉଛି। ଅଧାପନ୍ତରିଆ ଅବସ୍ଥାରେ ଥିବା ନବନିର୍ମିତ ଡ୍ରେନ୍ କାର୍ଯ୍ୟ ମଧ୍ୟ ଆରମ୍ଭ ହୋଇଛି। ସାଧାରଣ ଜନତାଙ୍କ ଦାବିକୁ ଦୃଷ୍ଟିରେ ରଖି ବର୍ଷା ସତ୍ତ୍ୱେ କାମ ଆରମ୍ଭ ହୋଇଛି। ଦଶହରା ପୂର୍ବରୁ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ପୂର୍ତ୍ତ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

## ପୁଣି ଭାଙ୍ଗିଲା ପୋଖରୀ ହୁଡ଼ା

କାମାକ୍ଷାନଗର, ୨୩।୮ (ସୁଧୀର ପରିଡ଼ା)

**ଦେଢ଼ ମାସରେ ୩ୟ ଘଟଣା**

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତ ପଲ୍ଲିସାନ୍ତରାପୁରସ୍ଥିତ ଦେଶକଟା ବନ୍ଧ ପୋଖରୀ ହୁଡ଼ା ବୁଧବାର ମଧ୍ୟାହ୍ନରେ ଭାଙ୍ଗିଯାଇଛି। ପୋଖରୀ ତଳି ଅଞ୍ଚଳରେ ପାଣି ମାଡ଼ିଯାଇଛି। ବହୁ ଆଦିବାସୀ ପରିବାର ଘରେ ପୋଖରୀ ପାଣି ପଶିଯାଇଛି। ସେହିପରି ଚାଷଜମି ମଧ୍ୟ ଜଳମଗ୍ନ ହୋଇଯାଇଛି। ନିମ୍ନମାନର କାମ ପାଇଁ ଦେଢ଼ ମାସ ମଧ୍ୟରେ ବ୍ଲକରେ ଏଭଳି ୩ଟି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ କହିବା କଥା, ଚଳିତ ବର୍ଷ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ଉକ୍ତ ପୋଖରୀ ଖନନ କରାଯାଇଥିଲା। ହେଲେ ଦୁର୍ବଳ ହୁଡ଼ା ପ୍ରତି କେହି ଧ୍ୟାନ ଦେଲେନାହିଁ। ନିମ୍ନମାନର କାମକୁ ଅଣଦେଖା କରାଗଲା। ତେଣୁ ବର୍ଷା ପରେ ମାଟିବନ୍ଧ ଭୁଶୁଡ଼ି ଗଲା।

ଉଲ୍ଲେଖଯୋଗ୍ୟ, ଡୁମୁସିଙ୍ଗା ଗ୍ରାମ ପୋଖରୀର ସୁରକ୍ଷା ପାଚେରି ଚଳିତ ବର୍ଷର ପ୍ରଥମ ବଡ଼ବର୍ଷାରେ ଭାଙ୍ଗିଯାଇଥିଲା। ଗତ ଶୁକ୍ରବାର ଅସନବାହାଳି ପୋଖରୀର ବନ୍ଧ ଭାଙ୍ଗିଥିଲା। ଏହାର ୫ଦିନ ପରେ ପୁଣି ଏକ ପୋଖରୀ ହୁଡ଼ା ଭାଙ୍ଗିବା ଚର୍ଚ୍ଚାର ବିଷୟ ହୋଇଛି। ଏ ସମ୍ପର୍କରେ ବିଭାଗୀୟ କନିଷ୍ଠ ଯନ୍ତ୍ରୀ ରଶ୍ମିତା ମଞ୍ଜରୀ ପ୍ରଧାନଙ୍କ ମୋବାଇଲ ନମ୍ବର ୯୪୩୮୩୮୦୩୦୯ରେ ପ୍ରତିକ୍ରିୟା ନେବା ପାଇଁ ବାରମ୍ବାର ଚେଷ୍ଟା କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ କୁହନ୍ତି, ବାସ୍ତବ ଘଟଣା କ'ଣ ଏବଂ ଚଳିତବର୍ଷ ସେଠାରେ କାମ ହୋଇଛି ନା ନାହିଁ, ତାହା ତଦନ୍ତ ପରେ ଜଣାପଡ଼ିବ। ଅଭିଯୋଗରେ ସତ୍ୟାସତ୍ୟ ଥିଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ପୋଖରୀ ହୁଡ଼ା ଭାଙ୍ଗିଯାଇଛି।

## ସଫ୍ଟ ଲ୍ୟାଣ୍ଡିଂ ପରେ ଖୁସିର ମାହୋଲ

ଢେଙ୍କାନାଳ, ୨୩।୮ (ରତନ ନାୟାର)

ସଫଳ ହୋଇଛି ଭାରତର 'ଚନ୍ଦ୍ରୟାନ-୩' ମିଶନ। ଲ୍ୟାଣ୍ଡର 'ବିକ୍ରମ' ସଫଳତାର ସହ ଚନ୍ଦ୍ରର ଦକ୍ଷିଣ ମେରୁରେ ସୁରକ୍ଷିତ ଭାବେ ସଫ୍ଟ ଲ୍ୟାଣ୍ଡିଂ କରିବା ପରେ ଇତିହାସ ରଚିଛି ଭାରତ। ଏହି ଐତିହାସିକ କ୍ଷଣର ସାକ୍ଷୀ ରହିଛି ସାରା ବିଶ୍ୱ। ଏଥିରୁ ବାଦ୍ ପଡ଼ିନାହିଁ ଢେଙ୍କାନାଳ ଜିଲା। ଭାରତୀୟ ମହାକାଶ ଗବେଷଣା ପ୍ରତିଷ୍ଠାନ ଇସ୍ରୋ ପକ୍ଷରୁ ଚନ୍ଦ୍ରୟାନ-୩ର ସଫଳତା ବିଷୟରେ ଘୋଷଣା କରାଯିବା ପରେ କରତାଳିରେ କମ୍ପି ଉଠିଥିଲା ଜିଲା ବିଜ୍ଞାନ କେନ୍ଦ୍ର ପରିସର।

ଏଥିପୂର୍ବରୁ ଭାରତର ମୁନ୍ ମିଶନ ଚନ୍ଦ୍ରୟାନ-୩ ସମ୍ପର୍କରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ରଙ୍କୁ ନେଇ ଜିଲା ବିଜ୍ଞାନ କେନ୍ଦ୍ର ପରିସରରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦିଲ୍ଲୀ ପବ୍ଲିକ ସ୍କୁଲ, ମହିଷାପାଟସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଓଡ଼ାପଡା ବ୍ଲକ କମଳାଙ୍ଗସ୍ଥିତ ଜିଏମ୍‌ଆର ଡିଏଭି ପବ୍ଲିକ ସ୍କୁଲର ଛାତ୍ରୀଛାତ୍ର ଯୋଗଦେଇ ମିଶନ ସମ୍ପର୍କରେ ଜ୍ଞାନ ଆହରଣ କରିଥିଲେ। ଏ ସଂକ୍ରାନ୍ତରେ ଜିଲା ବିଜ୍ଞାନ କେନ୍ଦ୍ର ଅଧିକାରୀ ଏମ୍.ଏମ୍. ରାଉତ କୁହନ୍ତି, ଚନ୍ଦ୍ରୟାନ-୩ର ସଫ୍ଟ ଲ୍ୟାଣ୍ଡିଂ, ଏଥିରେ ବ୍ୟବହୃତ ରକେଟ୍ ଏବଂ ଅନ୍ୟ ବୈଷୟିକ ଜ୍ଞାନକୌଶଳ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ଅବଗତ କରାଇବା ଲାଗି ଏହି କର୍ମଶାଳା ଆୟୋଜନ କରାଯାଇଥିଲା। ରକେଟ୍ ନିର୍ମାଣ, ଉତ୍‌କ୍ଷେପଣଠାରୁ ଆରମ୍ଭ କରି ଗନ୍ତବ୍ୟସ୍ଥଳରେ ପହଞ୍ଚିବା ଯାଏ ଯେଉଁସବୁ ପ୍ରକ୍ରିୟା ଚାଲିଥିଲା, ସେ ନେଇ ପିଲାଙ୍କୁ ଅବଗତ କରାଯାଇଥିଲା।




କର୍ମଶାଳାରେ ଛାତ୍ରୀଛାତ୍ରମାନେ।

## ଛାତ୍ରୀଛାତ୍ର ଦେଖିଲେ ଇସ୍ରୋର ସଫଳତା

କାମାକ୍ଷାନଗର, ୨୩।୮ (ଅମ୍‌ଜାଦ୍ ଖାନ୍)

'ଚନ୍ଦ୍ରୟାନ-୩'ର ସଫଳତାକୁ ନେଇ ଗାଁଠାରୁ ସହର ସବୁଠି ଖୁସିର ମାହୋଲ ଦେଖିବାକୁ ମିଳିଛି। ଛାତ୍ରୀଛାତ୍ରମାନେ ଲ୍ୟାଣ୍ଡର ଅବତରଣର ଦୃଶ୍ୟ ସହ ଇସ୍ରୋର ସଫଳତା ସିଧାସଳଖ ଟିଭି ସ୍କ୍ରିନ୍‌ରେ ଦେଖିଛନ୍ତି। କାମାକ୍ଷାନଗର ଆଳତୁମା ହାଇସ୍କୁଲରେ ଏହାକୁ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ଶିକ୍ଷୟିତ୍ରୀ, ଶିକ୍ଷକ ଓ ପିଲାମାନେ ମିଳିତ ଭାବେ ଭାରତର ମିଶନ ମୁନ୍‌ର ସଫଳତା କାମନା କରି ପୂଜାର୍ଚ୍ଚନା କରିଥିଲେ। ଲ୍ୟାଣ୍ଡର ବିକ୍ରମର ସଫଳ ଅବତରଣ ପରେ ବନ୍ଦେ ମାତରଂ, ଭାରତ ମାତା କୀ ଜୟ ଧ୍ୱନିରେ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଟକୃଷ୍ଣ ଦାସ, ପ୍ରଧାନ ଶିକ୍ଷୟିତ୍ରୀ ବନଲତା ସାହୁ, ସହକାରୀ ଶିକ୍ଷକ ସନାତନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।




ଆଳତୁମା ହାଇସ୍କୁଲରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

## ସଂକ୍ଷେପରେ

### କଲେଜ ଛାତ୍ରୀଙ୍କୁ ବଳାତ୍କାର ମାମଲା
## ଅଭିଯୁକ୍ତ ନାବାଳକ ଗିରଫ

ଅନୁଗୋଳ, ୨୩।୮ (ଅମିତ କୁମାର ସାମଲ)

ଅନୁଗୋଳର ଜଣେ କଲେଜ ଛାତ୍ରୀଙ୍କୁ ବଳାତ୍କାର ଅଭିଯୋଗରେ ଅନୁଗୋଳ ଥାନା ପୋଲିସ ଅଭିଯୁକ୍ତ ନାବାଳକ ଛାତ୍ରଙ୍କୁ ଗିରଫ କରିଛି। ଅଟକ ଥିବା ଅନ୍ୟଜଣଙ୍କୁ ପୋଲିସ ଛାଡ଼ିଦେଇଛି। ପ୍ରକାଶ ଯେ, ଅନୁଗୋଳର ଏକ କଲେଜରେ ପଢୁଥିବା ଛାତ୍ରୀଜଣଙ୍କ ସୋମବାର ବିଷପାନ କରିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣିବା ପରେ ସେ ବଳାତ୍କାରର ଶିକାର ହୋଇଥିବା କଥା ପଦାକୁ ଆସିଥିଲା। ଚିକିତ୍ସା ପରେ ଛାତ୍ରୀ ଜଣକ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୁକ୍ତ ନାବାଳକଙ୍କ ସହ ଅନ୍ୟ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିଲା। ତେବେ ଘଟଣାରେ ଅଭିଯୁକ୍ତ ନାବାଳକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିବା ପରେ ପୋଲିସ ତାଙ୍କୁ ଗିରଫ କରିଥିଲା।

# ଉଚ୍ଚସ୍ତରୀୟ ତଦନ୍ତ ଦାବି କଲା କଂଗ୍ରେସ



ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତୃବୃନ୍ଦ।

### ମହିଳା ହୋମଗାର୍ଡଙ୍କୁ ନିର୍ଯାତନା ଘଟଣା

ଅନୁଗୋଳ, ୨୩।୮ (ଅମିତ କୁମାର ସାମଲ)

ଅନୁଗୋଳର ମହିଳା ହୋମଗାର୍ଡ ସୈରିନ୍ଦ୍ରୀ ସାହୁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ସ୍ତ୍ରୀ ନିର୍ଯାତନା ଦେବା ଘଟଣାକୁ ଅନୁଗୋଳ ଜିଲା କଂଗ୍ରେସ ନିନ୍ଦା କରିଛି। ନିର୍ଯାତନା ସହି ନ ପାରି ସମ୍ପୃକ୍ତା ମହିଳା ଗୃହରକ୍ଷୀ ଟ୍ରେନ୍ ଆଗକୁ ଡେଇଁ ୨ ଗୋଡ଼ ହରାଇବା ଘଟଣାର ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ ପାଇଁ ଦଳ ଦାବି କରିଛି। ବୁଧବାର ଅନୁଗୋଳ ଜିଲା କଂଗ୍ରେସ ଭବନଠାରେ ଜିଲା କଂଗ୍ରେସ ପକ୍ଷରୁ ଏ ନେଇ ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ପୀଡିତା ଗୃହରକ୍ଷୀଙ୍କୁ ୫୦ ଲକ୍ଷ ଟଙ୍କା ଅନୁକମ୍ପାମୂଳକ ରାଶି ତୁରନ୍ତ ପ୍ରଦାନ କରିବା ପାଇଁ କଂଗ୍ରେସ ପକ୍ଷରୁ ସରକାରଙ୍କ ଠାରେ ଦାବି କରାଯାଇଥିଲା। ଏଥିସହ ପୀଡ଼ିତାଙ୍କ ପରିବାରର ଜଣକୁ ସ୍ଥାୟୀ ନିଯୁକ୍ତି ପ୍ରଦାନ ପାଇଁ ମଧ୍ୟ ଦାବି କରାଯାଇଥିଲା। ଏହି ଖବରଦାତା ସମ୍ମିଳନୀରେ ଅନୁଗୋଳ ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ନାଥ, ଆଇନ ସେଲ୍ ଅଧ୍ୟକ୍ଷ ଧର୍ମେନ୍ଦ୍ର ନାଥ ମିଶ୍ର, ଓବିସି ସେଲ୍ ଅଧ୍ୟକ୍ଷ ପ୍ରବୋଧ ସ୍ୱାଇଁ, ମହିଳା କଂଗ୍ରେସ ସଭାନେତ୍ରୀ ତପସ୍ୱିନୀ ବିଶ୍ୱାଳ, ପିସିସି ସଭ୍ୟ ଜୟନ୍ତ ସାହୁ ଓ ଦୁଷ୍ମନ୍ତ ଦଳବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ଅନୁଗୋଳ ଜିଲା ଯୁବ କଂଗ୍ରେସ ସଭାପତି ଲୁଲୁ ପାଣିଗ୍ରାହୀ, ପ୍ରଦେଶ ଛାତ୍ର କଂଗ୍ରେସ ସମ୍ପାଦକ ପ୍ରଦ୍ୟୁମ୍ନ ସାହୁ, ପ୍ରଦେଶ କଂଗ୍ରେସ ସମ୍ପାଦିକା ନୀଳକମଳ ସେଠୀ, ବଳବୀର ସିଂହ, ରାକେଶ ମିଶ୍ର, ଲିଟୁ ରଞ୍ଜନ ଥାପା, ପଦ୍ମିନୀ ନାୟକ, ସ୍ୱାଗତିକା ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ଉପଯୁକ୍ତ କ୍ଷତିପୂରଣ ପାଇଁ ସ୍ମାରକପତ୍ର

ତାଳଚେର, ୨୩।୮ (ମନୋଜ ନନ୍ଦ)

ଉତ୍ତର କେନ୍ଦ୍ରାଞ୍ଚଳ ଡିଆଇଜିଙ୍କ ସ୍ତ୍ରୀଙ୍କ ନିର୍ଯାତନା ସହି ନ ପାରି ଟ୍ରେନ ଆଗକୁ ଡେଇଁ ନିଜର ୨ ଗୋଡ଼ ହରାଇଥିବା ମହିଳା ହୋମଗାର୍ଡ ସୈରିନ୍ଦ୍ରୀ ସାହୁଙ୍କୁ ଉପଯୁକ୍ତ କ୍ଷତିପୂରଣ, ପରିବାରର ଜଣକୁ ନିଯୁକ୍ତି ଓ ଦୋଷୀମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ। ଏ ନେଇ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ବୁଧବାର ତାଳଚେର ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି, ଗତ ୪ ତାରିଖରେ ଘଟଣା ଘଟିଥିଲେ ହେଁ ଅଦ୍ୟାବଧି ଦୋଷୀଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ଯଥାଶୀଘ୍ର ଏହାର ସୁବିଚାର କରି ପୀଡ଼ିତାଙ୍କୁ ନ୍ୟାୟ ପ୍ରଦାନ କରିବା ସହ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରାଯାଇଛି। ଏହି ଦାବିପତ୍ର ପ୍ରଦାନ ବେଳେ ମହାନଦୀ କୋଇଲା ଠିକା ଶ୍ରମିକ କଂଗ୍ରେସ ସଭାପତି ରାଜକିଶୋର ସାହୁ, ପ୍ରଦୀପ କୁମାର ମହାରଣା, ବିନୋଦ ଲାଲଙ୍କ ସମେତ ସଦସ୍ୟମାନେ ଉପସ୍ଥିତ ଥିଲେ।


ତାଳଚେର ଉପଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ବିରୋଧ ଯୋଗୁ ଭୂମିପୂଜା କାର୍ଯ୍ୟକ୍ରମ ବାତିଲ

ଖମାର, ୨୩।୮ (ରଜନୀକାନ୍ତ ମହାରଣା)

ପାଲଲହଡ଼ା ଉପଖଣ୍ଡସ୍ଥିତ ଖମାର ଆଞ୍ଚଳିକ ସାମ୍ବାଦିକ ସଂଘର ନୂତନ ଗୃହ ନିର୍ମାଣ ପାଇଁ ବୁଧବାର ହେବାକୁ ଥିବା ଶିଳାନ୍ୟାସ କାର୍ଯ୍ୟକ୍ରମକୁ ପଥୁରୀ ମୌଜାର କେତେଜଣ ଲୋକ ବିରୋଧ କରିଥିଲେ। ପୂର୍ବାହ୍ନରେ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତିମାନେ ସେଠାରେ ପହଞ୍ଚି ଉକ୍ତ ଜମି ସେମାନଙ୍କର ବୋଲି ଦାବି କରିଥିଲେ। ଫଳରେ ଶିଳାନ୍ୟାସ କାର୍ଯ୍ୟକ୍ରମ ହୋଇପାରି ନ ଥିଲା। ଏପରି କି ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ପାଲଲହଡା ବିଧାୟକ ମୁକେଶ ପାଲ, ସ୍ଥାନୀୟ ଜିଲାପରିଷଦ ସଦସ୍ୟ ଇନ୍ଦିରା ହେମ୍ବ୍ରମ ଏହି କାର୍ଯ୍ୟକ୍ରମରେ ଯୋଗଦେବାର ଥିଲେ ହେଁ ତାହାକୁ ବାତିଲ କରାଯାଇଥିଲା। ତେବେ ଘଟଣା ସମ୍ପର୍କରେ ସଂଘ ପକ୍ଷରୁ ତହସିଲଦାର ଓ ଖମାର ଥାନା ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏ ସମ୍ପର୍କରେ ତହସିଲଦାର କହିଛନ୍ତି, ସରକାରୀ ଜମି ହୋଇଥିବାରୁ କେହି ସରକାରୀ ନିର୍ମାଣକୁ ବିରୋଧ କରିପାରିବେ ନାହିଁ। ସୂଚନାଯୋଗ୍ୟ, ପାଲଲହଡା ବିଧାୟକ ମୁକେଶ କୁମାର ପାଲଙ୍କ ଉଦ୍ୟମ କ୍ରମେ ୫–ଟି ପକ୍ଷରୁ ଏହି ଗୃହ ନିର୍ମାଣ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର ହୋଇଛି।

# ସ୍ୱାସ୍ଥ୍ୟର ଯତ୍ନ ନେବାକୁ ପରାମର୍ଶ

ଅନୁଗୋଳ, ୨୩।୮ (ଅମିତ କୁମାର ସାମଲ)

ଅନୁଗୋଳ ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ ମଙ୍ଗଳବାର ଏକ ବାତଜ୍ୱର ନିରାକରଣ ସମ୍ବନ୍ଧୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସହଯୋଗରେ ଏନ୍‌ଏସ୍‌ଏସ୍, ୟୁଥ୍ ରେଡକ୍ରସ୍ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଗଙ୍ଗାଧର କର ଯୋଗଦେଇ ସ୍ୱାସ୍ଥ୍ୟ ହିଁ ସମ୍ପଦ ବୋଲି କହିବା ସହ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲା ଅତିରିକ୍ତ ସ୍ୱାସ୍ଥ୍ୟ ଅଧିକାରୀ ଡା. ପୂର୍ଣ୍ଣିମା ଉଦ୍‌ଗାତା ବାତଜ୍ୱର, ଡେଙ୍ଗୁ ଓ ମ୍ୟାଲେରିଆ ଉପରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ଜିଲା ମଶାବାହିତ ରୋଗ ପରାମର୍ଶ ଅଧିକାରୀ ବାତଜ୍ୱର ସମ୍ବନ୍ଧୀୟ ଔଷଧ ସମ୍ପର୍କରେ କହିଥିଲେ। ଏହି କର୍ମଶାଳାରେ ୫ଶହ ଛାତ୍ରୀଛାତ୍ର, ୩୦ରୁ ଅଧିକ ଅଧ୍ୟାପିକା, ଅଧ୍ୟାପକ ବାତଜ୍ୱର ଔଷଧ ସେବନ କରିଥିଲେ। ଅଧ୍ୟାପିକା ଶାଶ୍ୱତି ଶୁଭଦର୍ଶିନୀ, ଅନସୂୟା ମିଶ୍ର, ସୋନାଲି ବିଶ୍ୱାଳ, ଅଧ୍ୟାପକ ସୁଶାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ଯୁକ୍ତ ୨ ଏନ୍‌ଏସ୍‌ଏସ୍ ଅଧିକାରୀ ସୂର୍ଯ୍ୟକାନ୍ତ ସ୍ୱାଇଁ ସୂଚନା ଦେଇଛନ୍ତି।




# ‘ଶିକ୍ଷା ହିଁ ବ୍ୟକ୍ତିତ୍ୱର ବିକାଶ କରେ’



ପବିତ୍ର ମୋହନ ଇନଷ୍ଟିଚ୍ୟୁଟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ଅତିଥିଙ୍କ ସହ ଛାତ୍ରୀଛାତ୍ରମାନେ।

ତାଳଚେର, ୨୩।୮ (ମନୋଜ ନନ୍ଦ)

ଶିକ୍ଷାର ସାମଗ୍ରିକ ବିକାଶ କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଶିକ୍ଷା ହିଁ ମଣିଷର ବ୍ୟକ୍ତିତ୍ୱର ବିକାଶ କରିବା ସହ ତାକୁ ସମାଜରେ ଆଦର୍ଶ ଭାବେ ଗଢି ତୋଳିବାର ବାଟ ଦେଖାଇଥାଏ। ତାଳଚେରସ୍ଥିତ ପବିତ୍ର ମୋହନ ଇନଷ୍ଟିଚ୍ୟୁଟର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବରେ ବୁଧବାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ନାଲ୍‌କୋର ନିର୍ବାହୀ ନିର୍ଦ୍ଦେଶକ ଅମିୟ କୁମାର ସ୍ୱାଇଁ ଏହା କହିଛନ୍ତି। ଏମ୍‌ସିଏଲ୍ ଜଗନ୍ନାଥ ଏରିଆ ଡିଏଭି ପବ୍ଲିକ ସ୍କୁଲର ଶିକ୍ଷକ ଯଯାତି କେଶରୀ ପାଲ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପୁସ୍ତକ ହିଁ ମଣିଷର ବନ୍ଧୁ। ଏହା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ଉନ୍ନତି ପଥରେ ଆଗେଇ ନେଇ ସଫଳତାର ଶୀର୍ଷରେ ପହଞ୍ଚାଇ ଥାଏ ବୋଲି ମତବ୍ୟକ୍ତ କରିଥିଲେ। ବିକାଶ ଫାଉଣ୍ଡେଶନ ଅଧକ୍ଷା ଡ. ମୃଦୁଳା ଟି. ପ୍ରଧାନ ଯୋଗଦେଇ ଧୈର୍ଯ୍ୟ, କଠିନ ମନୋବଳ, ଆତ୍ମସଂଯମ, ପ୍ରଚେଷ୍ଟା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କୁ ସଫଳ କରାଏ ବୋଲି କହିଥିଲେ। ଅନୁଷ୍ଠାନର ଏକାଡେମିକ ପରାମର୍ଶଦାତା ଶରତ ଚନ୍ଦ୍ର ବିଶ୍ୱାଳ କାର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିବା ବେଳେ ପଦାର୍ଥ ବିଜ୍ଞାନ ଅଧ୍ୟାପିକା ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଅନୁଷ୍ଠାନ ଅଧ୍ୟକ୍ଷ ତୁଷାରକାନ୍ତ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ରାଜେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ୧୭ ପ୍ରକଳ୍ପ ପ୍ରଦର୍ଶିତ

ବଇଣ୍ଡା, ୨୩।୮ (ପରିକ୍ଷିତ ସାହୁ)

ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କନ୍ତପଡାସ୍ଥିତ ଗୋପୀନାଥ ଉଚ୍ଚ ବିଦ୍ୟାଳୟରେ ବୁଧବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ବୀବସ୍ସ ସାହୁ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବିଦ୍ୟାଳୟ ପ୍ରତିଷ୍ଠାତା ଗଣେଶ୍ୱର ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିବା ସହ ଆଧୁନିକ ଯୁଗରେ ବୈଜ୍ଞାନିକମାନେ ଚନ୍ଦ୍ରପୃଷ୍ଠରେ ପହଞ୍ଚିଲେଣି ବୋଲି ମତ ପ୍ରକାଶ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଦ୍ୟାଳୟ ସଭାପତି ଭୀମସେନ ପ୍ରଧାନ, ପ୍ରବୀଣ ପ୍ରଧାନ ଯୋଗ ଦେଇଥିଲେ। ଶିକ୍ଷକ ପ୍ରିୟରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏଥିରେ ୧୭ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ରାଜେଶ ବେହେରା, ଶୁଭ୍ରାଂଶୁ ନାୟକ ପ୍ରଥମ, ସ୍ୱପ୍ନିସମିତ ସାହୁ, ସୋବିନ ସାହୁ ଦ୍ୱିତୀୟ ଏବଂ ପ୍ରିୟଦର୍ଶନୀ ସାହୁ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଅତିଥିମାନେ ସେମାନଙ୍କୁ ପୁରସ୍କୃତ କରିଥିଲେ। ବିଚାରକ ଭାବେ ଟାପଡୋଳ ହାଇସ୍କୁଲ ବିଜ୍ଞାନ ଶିକ୍ଷକ କିଶୋରଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ବୀରେନ ପ୍ରଧାନ ଧନ୍ୟବାଦ ଦେଇଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

# ଉନ୍ନୟନମୂଳକ ଯୋଜନା ଲୋକଙ୍କଠାରେ ପହଞ୍ଚାଅ

ପାଲଲହଡ଼ା, ୨୩।୮ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ପଞ୍ଚାୟତ ସମିତିର ସାଧାରଣ ବୈଠକ ବୁଧବାର ବ୍ଲକ ସଭାଗୃହଠାରେ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ସମିତି ଅଧକ୍ଷା ରୀନାରାଣୀ ନାଏକ ଏଥିରେ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ମୁକେଶ କୁମାର ପାଲ ଯୋଗଦେଇ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏଥିସହିତ ସରକାରଙ୍କ ଉନ୍ନୟନମୂଳକ ଯୋଜନା କିପରି ଲୋକଙ୍କ ପାଖରେ ପହଞ୍ଚିବ ସେ ନେଇ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲୀପ କୁମାର ବାଡା ସଭା ପରିଚାଳନା କରିଥିଲେ। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ମେଘ କିଷାନ, ଏମ୍‌ପିଙ୍କ ପ୍ରତିନିଧି ଅଜିତ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ। ସମସ୍ତ ପଞ୍ଚାୟତର ସମିତି ସଭ୍ୟ, ସରପଞ୍ଚ ଏବଂ ବିଭାଗୀୟ ଅଧିକାରୀ ଯୋଗଦେଇଥିଲେ। ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା ଯୋଜନାରେ ପାଲଲହଡ଼ା ବ୍ଲକର ସମସ୍ତ ମଠ, ମନ୍ଦିର ଓ ମସ୍‌ଜିଦର ପୁନରୁଦ୍ଧାର, ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାସ୍ତା ଏବଂ ୫୦ କୋଟି ଟଙ୍କାର ବିଜୁ ସେତୁ ସାଙ୍ଗକୁ ପ୍ରତ୍ୟେକ ପଞ୍ଚାୟତକୁ ୫୦ ଲକ୍ଷ ଟଙ୍କାର ଅନୁଦାନ ପ୍ରଦାନ କରିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ପାଲଲହଡ଼ା ପଞ୍ଚାୟତ ସମିତି ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା।


ପଞ୍ଚାୟତ ସମିତି ବୈଠକରେ ବିଧାୟକଙ୍କ ସହ ବ୍ଲକ ଅଧକ୍ଷା ଓ ଅନ୍ୟମାନେ।

# ନବଜାତ ଶିଶୁର ଗଳିତ ମୃତଦେହ ଜବତ

ପାଲଲହଡ଼ା, ୨୩।୮ (ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ମୁଖ୍ୟ ଡାକ୍ତରଖାନା ସମ୍ମୁଖ ପରିସ୍ରାଗାର ନିକଟରୁ ବୁଧବାର ଏକ ନବଜାତ ଶିଶୁପୁତ୍ରର ଗଳିତ ମୃତଦେହ ପୋଲିସ ଜବତ କରିଛି। ସକାଳେ ପରିସ୍ରାଗାର ନିକଟରୁ ଦୁର୍ଗନ୍ଧ ବାହାରୁଥିବା ଜଣାପଡ଼ିବା ପରେ ସ୍ଥାନୀୟ ଲୋକେ ସେଠାକୁ ଯାଇ ଡ୍ରେନରେ ଏକ ନବଜାତ ଶିଶୁପୁତ୍ରର ଗଳିତ ମୃତଦେହ ପଡିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ସେମାନେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ମୃତଦେହଟି ଦିନେ କିମ୍ବା ଦୁଇଦିନ ପୂର୍ବର ବୋଲି ଅନୁମାନ କରାଯାଉଛି। ଏ ସମ୍ପର୍କରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ନୂତନ ବସ୍‌ଷ୍ଟାଣ୍ଡର ଭିତ୍ତିପ୍ରସ୍ତର ସ୍ଥାପନ

ବଇଣ୍ଡା, ୨୩।୮ (ପରିକ୍ଷିତ ସାହୁ)/ ଅନୁଗୋଳ, (ଅମିତ କୁମାର ସାମଲ)

ରାଜ୍ୟ ସରକାରଙ୍କ ଆମ ବସ୍‌ଷ୍ଟାଣ୍ଡ ଯୋଜନାରେ କିଶୋରନଗର ବ୍ଲକର କିଶୋରନଗର ଓ ବଇଣ୍ଡାଠାରେ ୨ଟି ବସ୍‌ଷ୍ଟାଣ୍ଡ ନିର୍ମାଣ ହେବ। କିଶୋରନଗର ଠାରେ ୨.୫୪ ଏକର ପରିମିତ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାକୁ ଥିବାବେଳେ ବଇଣ୍ଡା ଠାରେ ୩.୯୫ ଏକର ସ୍ଥାନରେ ଏହା କରାଯିବ। ବୁଧବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ଓସୱାନ ହଲ୍‌ଠାରେ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ଏହି ଭିତ୍ତିପ୍ରସ୍ତର ଫଳକ ଉନ୍ମୋଚନ ହୋଇଥିଲା। ଏହି ଆଭାସୀ କାର୍ଯ୍ୟକ୍ରମ ବେଳେ ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ଅନୁଗୋଳ ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ପରିବହନ ବିଭାଗର ଉତ୍ତର କେନ୍ଦ୍ରାଞ୍ଚଳ ଡେପୁଟି କମିଶନର ସମୀର କୁମାର ଦଳାଇ, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ନିଖିଳ କୁମାର ପଟ୍ଟନାୟକଙ୍କ ସମେତ ବିଭାଗୀୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। କିଶୋରନଗର ତହସିଲଦାର ଶାନ୍ତିସ୍ୱରୂପ ମିଶ୍ର କହିଛନ୍ତି, ଉଭୟ ସ୍ଥାନରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଆବଶ୍ୟକ ପରିମାଣର ଜାଗା ଯୋଗାଇ ଦିଆଯାଇଛି।


ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମରେ ଆଠମଲ୍ଲିକ ବିଧାୟକ, ଜିଲାପାଳଙ୍କ ସହିତ ଅନ୍ୟମାନେ।

# ଶିଶୁମନ୍ଦିରରେ ପ୍ରାର୍ଥନା ସଭା, ଦୀପଦାନ

ଆଠମଲ୍ଲିକ, ୨୩।୮ (ଉଦୀପ୍ତ ପୁରୋହିତ)

ଚନ୍ଦ୍ରୟାନ–୩ର ସଫଳତା କାମନା କରି ବୁଧବାର ପୂର୍ବାହ୍ନରେ ଆଠମଲ୍ଲିକ ସହରସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଛାତ୍ରୀଛାତ୍ର ଓ ଆଚାର୍ଯ୍ୟା ଆଚାର୍ଯ୍ୟଙ୍କ ଉପସ୍ଥିତରେ ଏକ ପ୍ରାର୍ଥନା ସଭା ଆୟୋଜନ କରାଯାଇଥିଲା। ଏହି ଅବସରରେ ସମସ୍ତେ ଏକ ସଙ୍ଗରେ ଦୀପଦାନ କରିବା ସହ ଚନ୍ଦ୍ରୟାନ–୩ର ସଫଳତା ନିମନ୍ତେ ପ୍ରାର୍ଥନା କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରୁଦ୍ରମୋହନ ହୋତା, ବରିଷ୍ଠ ଆଚାର୍ଯ୍ୟ ଦିଲୀପ ମିଶ୍ର ଚନ୍ଦ୍ରୟାନ–୩ ସମ୍ବନ୍ଧରେ ଛାତ୍ରୀଛାତ୍ରଙ୍କ ନିକଟରେ ତଥ୍ୟ ଉପସ୍ଥାପନା କରିଥିଲେ। ଏଥିସହିତ ଚନ୍ଦ୍ରୟାନ–୩ର ଏକ ଡକୁମେଣ୍ଟାରି ଫିଲ୍ମ ଛାତ୍ରୀଛାତ୍ରଙ୍କୁ ପ୍ରୋଜେକ୍ଟର ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।

# ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଦେଖିହେଲାନି ଅବତରଣ ଦୃଶ୍ୟ

ଆଠମଲ୍ଲିକ, ୨୩।୮ (ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ବୁଧବାର ଅପରାହ୍ନରେ ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଅନେକ ଲୋକ ଚନ୍ଦ୍ରୟାନ–୩ ଅବତରଣ ଦୃଶ୍ୟ ଦେଖିବାରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସମ୍ପୃକ୍ତ ଉପଭୋକ୍ତାମାନଙ୍କ କହିବା ଅନୁଯାୟୀ, ଆଠମଲ୍ଲିକରେ ଦୈନିକ ଘଣ୍ଟା ଘଣ୍ଟା ବିଦ୍ୟୁତ୍ ବିଭ୍ରାଟ ଏକ ନିତିଦିନିଆ ଘଟଣା ହୋଇଥିବା ବେଳେ ତାହାର ସ୍ଥାୟୀ ସମାଧାନ ପାଇଁ କୌଣସି ଉପଯୁକ୍ତ ପଦକ୍ଷେପ ନିଆଯାଉ ନାହିଁ। ତେବେ ବୁଧବାର ଅପରାହ୍ନରେ ଚନ୍ଦ୍ରୟାନ–୩ର ଚନ୍ଦ୍ରପୃଷ୍ଠରେ ଅବତରଣ କରିବାକୁ ଥିବାରୁ ଏହି ଗର୍ବର ଦୃଶ୍ୟ ଦେଖିବାକୁ ଲୋକଙ୍କ ଭିତରେ ଉତ୍କଣ୍ଠା ବଢ଼ିଯାଇଥିଲା। ସେମାନେ ଟିଭି ସମ୍ମୁଖରେ ବସିଥିବା ବେଳେ ଅପରାହ୍ନ ୫ ଟା ୫୫ରୁ ୬ଟା ୧୦ ଯାଏ ବିଦ୍ୟୁତ୍ ସରବରାହ ବନ୍ଦ ହୋଇଯାଇଥିଲା। ଫଳରେ ଦେଶର ସେହି ଗର୍ବର ମୁହୂର୍ତ୍ତ ଦେଖିବାରୁ ଅଞ୍ଚଳବାସୀ ବଞ୍ଚିତ ହୋଇଥିଲେ।

# ପୁଅଙ୍କ ପନିକି ଚୋଟରେ ବାପା ଗୁରୁତର

ଛେଣ୍ଡିପଦା, ୨୩।୮ (ଅଜିତ ଧଳ)

ଛେଣ୍ଡିପଦା ବ୍ଲକ ଜରପଡା ଥାନା ଜେରେଙ୍ଗ ଦେହୁରୀସାହିରେ ପାରିବାରିକ କଳହରୁ ପୁଅଙ୍କ ପନିକି ଚୋଟରେ ବାପା ଗୁରୁତର ହୋଇଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ କହିଛି, ଜେରେଙ୍ଗ ଦେହୁରୀସାହିର ବିଭୂତି ବାରିକ (୫୦) ଗତ ମଙ୍ଗଳବାର ସନ୍ଧ୍ୟା ୭ଟାରେ ତାଙ୍କ ବଡ଼ପୁଅ ଚୁନା ବାରିକ(୩୬)ଙ୍କ ସହ ଘରେ ଥିବାବେଳେ ଉଭୟଙ୍କ ମଧ୍ୟରେ କଥାକଟାକଟିକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଚୁନା ଏକ ପନିକିରେ ବାପା ବିଭୂତିଙ୍କୁ ଆକ୍ରମଣ କରିଥିଲେ। ଅଭିଯୋଗ ପାଇବା ପରେ ପୋଲିସ ନଂ. ୨୬୪/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅନ୍ୟପଟେ ଚୁନାଙ୍କ ସ୍ତ୍ରୀ ଭବାନୀ ଶ୍ୱଶୁର ବିଭୂତିଙ୍କ ବିରୋଧରେ ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଶ୍ୱଶୁର ଗାଳିଗୁଲଜ କରିବା ସହ ତାଙ୍କୁ ଓ ସ୍ୱାମୀଙ୍କୁ ହତ୍ୟା ଧମକ ଦେଇଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ନଂ. ୨୬୫/୨୩ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

# ବିଦ୍ୟାଳୟରେ ତାଲା ପକାଇ ଧାରଣା

### ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବି

ଛେଣ୍ଡିପଦା, ୨୩।୮ (ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ଟି. କୁଡ଼ାସାହି ପଞ୍ଚାୟତର ହାଣ୍ଡିଗୋଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ନିଯୁକ୍ତି ଦାବିରେ ଅଭିଭାବକ ଓ ଛାତ୍ରୀଛାତ୍ରମାନେ ବୁଧବାର ତାଲା ପକାଇ ଧାରଣା ଦେଇଥିଲେ। ଅଭିଭାବକଙ୍କ କହିବା ଅନୁଯାୟୀ, ହାଣ୍ଡିଗୋଡ଼ା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୦ଜଣ ଛାତ୍ରୀଛାତ୍ର ପଢୁଥିବା ବେଳେ ୫ଜଣ ଶିକ୍ଷକ ଅଛନ୍ତି। କିନ୍ତୁ ମଧ୍ୟାହ୍ନ ଭୋଜନ ଚାଉଳ ହେରଫେର ଅଭିଯୋଗରେ ସ୍କୁଲର ଜଣେ ଶିକ୍ଷକଙ୍କୁ ନିଲମ୍ବନ କରାଯାଇଛି। ତେଣୁ ସମ୍ପୃକ୍ତ ଶିକ୍ଷକଙ୍କ ଉପରୁ ନିଲମ୍ବନ ଆଦେଶ ପ୍ରତ୍ୟାହାର ସହ ୪ ବର୍ଷ ହେବ ଖାଲି ପଡ଼ିଥିବା ପ୍ରଧାନ ଶିକ୍ଷକ ପଦବୀ ପୂରଣ ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନିକଟରେ ଦାବି କରାଯାଇଥିଲା। କିନ୍ତୁ ପଦକ୍ଷେପ ନିଆ ନ ଯିବାରୁ ବିଦ୍ୟାଳୟରେ ତାଲା ପକାଇ ଧାରଣା ଦିଆଯାଇଥିଲା। ଖବରପାଇ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ପବିତ୍ର ମୋହନ ମାଝି ଓ ଶିବରାମ ମାଝି ପହଞ୍ଚି ବୁଝାଶୁଝା କରିଥିଲେ। ହେଲେ ପ୍ରଧାନ ଶିକ୍ଷକ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ଗ୍ରାମବାସୀ ଜିଦ୍ ଧରିଥିଲେ। ହାଣ୍ଡିଗୋଡା ଗ୍ରାମ ସଭାପତି ବିଜୟ କୁମାର ମାଝି, ସମ୍ପାଦକ ବୈଦ୍ୟନାଥ ମାଝି, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଧରଣୀ ବେହେରା, ସୁଶୀଲ କୁମାର ସାହୁ, ସିଦ୍ଧାର୍ଥ ମାଝି, ପଙ୍କଜ ମାଝି, ସୁବ୍ରତ ମାଝି, ଦୁଷ୍ମନ୍ତ ମାଝିଙ୍କ ସମେତ ଶତାଧିକ ଗ୍ରାମବାସୀ ଧାରଣାରେ ସାମିଲ ଥିଲେ। ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀ ମଧୁସ୍ମିତା ନନ୍ଦ କହିଛନ୍ତି, ହାଣ୍ଡିଗୋଡ଼ା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ତୁଳନାରେ ଅଧିକ ଶିକ୍ଷକ ଅଛନ୍ତି। ଖୁବ୍‌ଶୀଘ୍ର ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତ କରାଯିବ।


ବିଦ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

